# ଲୋକଙ୍କ ବିଶ୍ୱାସଭାଜନ ହୋଇପାରିଛି ପ୍ରଶାସନ

ଚିତ୍ରକୋଣ୍ଡା,୨୮।୨(ଡି.ଏନ.ଏ.)



ମହାସମାଧାନ ଶିବିରରେ ସାମିଲ ହୋଇଥିବା ସ୍ୱାଭିମାନ ଅଞ୍ଚଳବାସୀ ।



ଜିଲାପାଳ ଶିବିର ଅନୁଧ୍ୟାନ କରୁଛନ୍ତି ।

**ସ୍ୱାଭିମାନ ଅଞ୍ଚଳରେ ମହାସମାଧାନ ଶିବିର**
- ସବୁ ବିଭାଗର ଅଧିକାରୀ ଏକାଠି
- କ୍ଲବକୁ ବାଦ୍ୟଯନ୍ତ୍ର, ଖେଳସାମଗ୍ରୀ ପ୍ରଦାନ
- ବିକାଶ ପାଇଁ ଏପରି ଉଦ୍ୟମ ଜାରି ରହିବ: ଜିଲାପାଳ

ମାଲକାନଗିରି ଜିଲା ପ୍ରଶାସନ,ପୋଲିସ ପ୍ରଶାସନର ମିଳିତ ଆନୁକୂଲ୍ୟରେ ଜିଲାପାଳ ମନୀଷ ଅଗ୍ରୱାଲ ଏବଂ ଏସପି ଋଷିକେଶ ଡି. ଖିଲାରଙ୍କ ନେତୃତ୍ୱରେ ଶୁକ୍ରବାର ଚିତ୍ରକୋଣ୍ଡାର ସ୍ୱାଭିମାନ ଅଞ୍ଚଳରେ ମହାସମାଧାନ ଶିବିର ଅନୁଷ୍ଠିତ ହୋଇଛି। ଜନ୍ତାପାଇସ୍ଥିତ ବିଏସଏଫ କ୍ୟାମ୍ପ ଠାରେ ପୋଲିସ ସୁରକ୍ଷା ବଳୟରେ ହୋଇଥିବା ଏହି ଶିବିରରେ ବିଡ଼ିଓ ଲରିମନ ଖରସେଲ ଓ ତହସିଲଦାର ଟି.ପଦ୍ମନାଭ ଦୋରା ସହଯୋଗ କରିଥିଲେ। ୨୦୧୧ରେ ବିଚ୍ଛିନ୍ନାଞ୍ଚଳରେ ଜନସମ୍ପର୍କ ଶିବିର ହେଉଥିବା ବେଳେ ମାଲକାନଗିରିର ପୂର୍ବତନ ଜିଲାପାଳ ଆର. ଭିନିଲକ୍ରିଷ୍ଣାଙ୍କୁ ମାଓବାଦୀମାନେ ଅପହରଣ କରି ନେଇଥିଲେ। ସେବେଠାରୁ ୧୦ ବର୍ଷ ହେଲା ଉକ୍ତ ଅଞ୍ଚଳରେ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ହୋଇପାରି ନ ଥିଲା। ଶୁକ୍ରବାର କାର୍ଯ୍ୟକ୍ରମରୁ ସ୍ୱାଭିମାନ ଅଞ୍ଚଳରେ ଜନସାଧାରଣ ମାଓବାଦୀଙ୍କ ହାତଛାଡି ଏବେ ଯେ ପ୍ରଶାସନର ବିଶ୍ୱାସଭାଜନ ହୋଇପାରିଛନ୍ତି ଏହା ସ୍ପଷ୍ଟ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁପ୍ରିୟା ସେତୁ ଉଦ୍‌ଘାଟନ କରିବା ପରଠାରୁ ଉକ୍ତ ଅଞ୍ଚଳରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଶୁଭାରମ୍ଭ ହୋଇଛି। ଏହି ପ୍ରକ୍ରିୟା ଏଯାଏ ଜାରି ରହିଛି। ଯେଉଁ ଅଞ୍ଚଳକୁ ଆସିବା ଲାଗି ସରକାରୀ କର୍ମଚାରୀ ଦିନେ ଭୟ କରୁଥିଲେ ଏବେ ସେଠିକୁ ସରକାରୀ କର୍ମଚାରୀଙ୍କ ଯାତାୟାତ ସହଜ ହୋଇଛି। ମହାସମାଧାନ ଶିବିରରେ ଜିଲାର ସମସ୍ତ ବିଭାଗ ଆଇଟିଡିଏ, ବ୍ଲକ, ଚିତ୍ରକୋଣ୍ଡା ତହସିଲ, ବନ ବିଭାଗ, ଓଡିଶା ଜୀବିକା ମିଶନ, ଓଟିଇଏଲପି, ଆଇସିଡିଏସ, ମତ୍ସ୍ୟ, କୃଷି, ଉଦ୍ୟାନ କୃଷି, ରୁରାଲ ହାଉସିଂଗ, ବ୍ୟାଙ୍କ, ଖାଉଟି କଲ୍ୟାଣ, ସମଗ୍ର ଶିକ୍ଷା, ଶିଳ୍ପକେନ୍ଦ୍ର, ରାଜସ୍ୱ ଓ ବିପର୍ଯ୍ୟୟ, ମିଶନ ଶକ୍ତି, ପଶୁପାଳନ, ସାମାଜିକ ସୁରକ୍ଷା, ଆଧାର କାର୍ଡ ପଞ୍ଜିକରଣ, ଶିଶୁ ଓ ମହିଳା କଲ୍ୟାଣ ସମିତି, ସ୍ୱଚ୍ଛ ଓ ପରିମଳ ମିଶନ ଓ ସ୍ୱାସ୍ଥ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲାପାଳ ଅଗ୍ରୱାଲ ସ୍ୱାଭିମାନ ଅଞ୍ଚଳର ୩୭ଟି ଅଭିଯୋଗର ଶୁଣାଣି କରିବା ସହ ବିଭିନ୍ନ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇ ସହାୟତା ଯୋଗାଇ ଦେଇଥିଲେ। ଚିତ୍ରକୋଣ୍ଡା ଷ୍ଟେଟବ୍ୟାଙ୍କ ଶାଖା ପରିଚାଳକ ମୋହନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ୧୦୦ ଊର୍ଦ୍ଧ୍ୱ ଜମାଖାତା ଖୋଲା ଯାଇଥିଲା। ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ୫୦ଟି ରାଶନ କାର୍ଡ ପ୍ରଦାନ କରାଯିବା ସହ ନୂଆ କାର୍ଡ ପାଇଁ ୩୦ଟି ଦରଖାସ୍ତ ଗ୍ରହଣ କରାଯାଇଥିଲା। ଶ୍ରମବିଭାଗ ତରଫରୁ ୧୫୨ ଜଣଙ୍କୁ ଲେବର କାର୍ଡ ପ୍ରଦାନ କରାଯିବା ସହ ନୂଆ ଲେବର କାର୍ଡ ପାଇଁ ୮୬ ଜଣଙ୍କ ଦରଖାସ୍ତ ଗ୍ରହଣ କରାଯାଇଛି। ଜିଲା ଶିଳ୍ପକେନ୍ଦ୍ରର ପ୍ରକାଶ ଦାସ ଓ ରବି ନାରାୟଣ କୁଣ୍ଡୁ ୧୫୨ ଜଣଙ୍କୁ କୁଟୀର ଶିଳ୍ପ ପାଇଁ ପଞ୍ଜୀକରଣ କରିଥିଲେ। ଆଇଟିଡିଏ ପକ୍ଷରୁ ଧୂଳିପୁଟ ଗ୍ରାମକୁ ବାଦ୍ୟଯନ୍ତ୍ର ଓ କ୍ଲବକୁ କ୍ରିକେଟ ସାମଗ୍ରୀ ପ୍ରଦାନ କରାଯାଇଥିଲା। ଏଥିସହ ଅନ୍ୟ ୧୦ଟି ଗ୍ରାମର କ୍ଲବକୁ ଖେଳ ସାମଗ୍ରୀ ଓ ୫ଟି କ୍ଲବକୁ ବାଦ୍ୟଯନ୍ତ୍ର ପ୍ରଦାନ କରାଯାଇ ଥିଲା। ଡିଡାଇ ଉନ୍ନୟନ ବିଭାଗ ୧୦୦ଟି ଲାଇଫ ଜ୍ୟାକେଟ ପ୍ରଦାନ କରିଥିଲା। ଶିକ୍ଷା ବିଭାଗ ୫୧ ଜଣଙ୍କୁ ଶିକ୍ଷା ସମସ୍ୟା ସମାଧାନର ଉପାୟ ଓ ୧୭ ଜଣ ଭିନ୍ନକ୍ଷମଙ୍କ ପଞ୍ଜିକରଣ କରିଥିଲା। ନୂତନ ବିଦ୍ୟୁତ ସଂଯୋଗ ଲାଗି ୨୦ଟି ଦରଖାସ୍ତ ଗ୍ରହଣ କରାଯାଇଥିଲା। ରୁରାଲ ହାଉସିଂ ପ୍ରକଳ୍ପ ଆନୁକୂଲ୍ୟରେ ପିଏମଏୱାଇ ଯୋଜନାରେ ୧୨୬ଟି ଦରଖାସ୍ତ ଗ୍ରହଣ କରାଯାଇଥିଲା। ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟ ସହାୟତାରେ ୨୨୮ ଜଣଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଔଷଧ ବିତରଣ କରାଯାଇଛି। କୃଷି ବିଭାଗ ତରଫରୁ ଶତାଧିକ ଚାଷୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। ଉକ୍ତ ଅଞ୍ଚଳର ବିକାଶ ପାଇଁ ପ୍ରଶାସନ ପକ୍ଷରୁ ଉଦ୍ୟମ ଜାରି ରହିବ ବୋଲି ଜିଲାପାଳ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କୃଷି ଅଧିକାରୀ ରାମଚନ୍ଦ୍ର ପଟ୍ଟନାୟକ, ପିଏ ଆଇଟିଡିଏ କ୍ଷୀରାବ୍ଧୀ ବେହେରା, ଡିଏଫଓ ପ୍ରଦୀପ ଦେବୀଦାସ ମିରାସେ, ଡା କ୍ଷୀରୋଦ ଚନ୍ଦ୍ର ମହନ୍ତ, ଡିପିଓ ବିକ୍ରମ ଧଳ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ରାଧାମଣି ଦଳାଇ, ଡିପିଏମ ପବିତ୍ର ମୋହନ ବରୁଆ, ଏପିଡି ବାଲାଜୀ ପଟ୍ଟନାୟକ ଓ ମାନସ ମିଶ୍ର, ଗୋପୀକୃଷ୍ଣ ପଟ୍ଟନାୟକ,ଭାସ୍କର ବେହେରାଙ୍କ ସହ ବହୁ ଅଧିକାରୀ ଉପସ୍ଥିତ ଥିଲେ। ଶିବିରରେ ସ୍ୱାଭିମାନ ଅଞ୍ଚଳର ହଜାର ହଜାର ଜନସାଧାରଣ ଯୋଗ ଦେଇଥିଲେ। କନିଷ୍ଠ ଯନ୍ତ୍ରୀ ଶିବାଶିଷ ବିଶ୍ୱାସ,ଅତିରିକ୍ତ ତହସିଲଦାର ଚନ୍ଦ୍ରମଣି ସ୍ୱାଇଁ, ଥାନା ଅଧିକାରୀ ଯୁଗଳ ଶବର, ଏସଡିଓ ଉମା ଶଙ୍କର ସାହୁ, ଜିପିଓ ଧୀରେନ ଖଣ୍ଡାଗିରି, ପିଓ ହେମନ୍ତ କୁମାର ଭୂୟାଁ, ବିପିଏମ ପର୍ଶୁରାମ ବେହେରା, ବନାଞ୍ଚଳ ଅଧିକାରୀ ଚନ୍ଦନ ଗମାଙ୍ଗ, ସୁପରଭାଇଜର ଚମ୍ପା ନାୟକ, ଚାରୁଲତା ଦାସ, ବିଶୁ ଖିଲ, ବିରାଜ ମଣ୍ଡଳ ପ୍ରମୁଖ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ



ଗୋବିନ୍ଦପାଲି,୨୮।୨(ଡି.ଏନ.ଏ.)- ମାଲକାନଗିରି ଜିଲା ଖଇରପୁଟ ବ୍ଲକ ଅନ୍ତର୍ଗତ ଗୋବିନ୍ଦପାଲିସ୍ଥିତ ଶିଶୁମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ଏବିଇଓ ଶିବାନୀ ମୁଦୁଲି, ପୂର୍ଣ୍ଣଚନ୍ଦ୍ର ରଥ, ବୀରେନ୍ଦ୍ର କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଗୋବିନ୍ଦପାଲିରେ ପୂର୍ବରୁ ଶିଶୁ ମନ୍ଦିର ନ ଥିବାରୁ ଛାତ୍ରୀଛାତ୍ରଙ୍କ ଶିକ୍ଷା ଗ୍ରହଣ ଲାଗି ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା। ଅଭିଭାବକମାନେ ପିଲାଙ୍କୁ ଗାଁଠାରୁ ଦୂରକୁ ଛାଡିବାକୁ ରାଜି ହେଉଥିଲେ। ଅଞ୍ଚଳର କେତେକ ଯୁବ ଗୋଷ୍ଠୀ ସାନୁ ରଥ, ମଣ୍ଟୁ ଜେନା, ପପୁ ସାହୁ, ଲିଟିଲ ପାଢ଼ୀଙ୍କ ଉଦ୍ୟମରେ ଗୋବିନ୍ଦପାଲିରେ ଶିଶୁମନ୍ଦିର ପ୍ରତିଷ୍ଠା ହେଲା। ବିଧାୟକ ଏହା ଜାଣିବା ପରେ ସମ୍ପୃକ୍ତ ଯୁବକମାନଙ୍କୁ ସେମାନଙ୍କ ସମାଜସେବା ପାଇଁ ଧନ୍ୟବାଦ ଜଣାଇ ଖୁବ୍ ଶୀଘ୍ର ଏହି ଶିକ୍ଷାନୁଷ୍ଠାନର ନିଜସ୍ୱ ଗୃହ ନିର୍ମାଣ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

### ଜାତୀୟ ବିଜ୍ଞାନ ଦିବସ ପାଳିତ

ଚିତ୍ରକୋଣ୍ଡା,୨୮।୨(ଡି.ଏନ.ଏ.)- ଚିତ୍ରକୋଣ୍ଡା ଅଞ୍ଚଳର ବିଭିନ୍ନ ବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଟେମ୍ପରାରି କଲୋନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଓ ଓଡିଶା ଆଦର୍ଶ ବିଦ୍ୟାଳୟରେ ଏହି ଦିବସ ପାଳିତ ହୋଇଛି। ସେହିପରି ସ୍ୱାଭିମାନ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଛି। ବିଜ୍ଞାନର ଉନ୍ନତି, ଆବଶ୍ୟକତା ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ଅବଗତ କରାଯାଇଛି।

### ରାଷ୍ଟ୍ରପତିଙ୍କୁ କଂଗ୍ରେସର ସ୍ମାରକପତ୍ର
#### ଦିଲ୍ଲୀ ଦଙ୍ଗା ଘଟଣା

ମାଲକାନଗିରି,୨୮।୨ (ଡି.ଏନ୍.ଏ.)- ମାଲକାନଗିରି ଜିଲା କଂଗ୍ରେସ ପକ୍ଷରୁ ଦିଲ୍ଲୀ ଦଙ୍ଗା ପାଇଁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କୁ ଦାୟୀ କରି ତାଙ୍କୁ ମନ୍ତ୍ରୀପଦରୁ ବରଖାସ୍ତ କରିବା ପାଇଁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜିଲାପାଳଙ୍କ ଜରିଆରେ ଶୁକ୍ରବାର ପ୍ରଦାନ କରାଯାଇଛି। ଜିଲା ସଭାପତି ଗୋବିନ୍ଦ ପାତ୍ରଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଓ କର୍ମକର୍ତ୍ତାମାନେ ଦଳୀୟ କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରାରେ ବାହାରି ପ୍ରଥମେ ଶାହାଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ପରେ ସେମାନେ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ସ୍ମାରକପତ୍ର ଦେଇଥିଲେ।

### ୫ ହାଇୱେ ଡକାୟତ ଗିରଫ

ବାହାନଗା, ୨୮।୨(ଡି.ଏନ.ଏ.)- ବାଲେଶ୍ୱର ଜିଲା ବାହାନଗା ବ୍ଲକ ପଣପଣାସ୍ଥିତ ୧୬ନମ୍ବର ଜାତୀୟ ରାଜପଥରୁ ଚଳିତ ମାସରେ ଏକ ଅଣ୍ଡା ବୋଝେଇ ପିକଅପକୁ ଅପହରଣ କରିନିଆଯାଇଥିଲା। ଏହି ଘଟଣାରେ ସମ୍ପୃକ୍ତ ୫ଜଣ ହାଇୱେ ଡକାୟତଙ୍କୁ ପୋଲିସ ଗିରଫ କରିବାରେ ସଫଳ ହୋଇଛି। ସେମାନଙ୍କଠାରୁ ୪ଟି ଗାଡି ଜବତ ହୋଇଛି। ଗତ ୧୮ତାରିଖରେ ଖନ୍ତାପଡା ଥାନା ୧୬ନମ୍ବର ଜାତୀୟ ରାଜପଥ ପଣପଣାଠାରେ ଏକ ପିକ୍‌ଅପ୍‌ରେ ୧୬୦ କାର୍ଟୁନ ଅଣ୍ଡା ବୋଝେଇ ହୋଇ ଢେଙ୍କାନାଳରୁ ବାଲେଶ୍ୱରକୁ ଆସୁଥିଲା। ୫ଜଣ ଯୁବକ ଗାଡିକୁ ଅଟକାଇ ଡ୍ରାଇଭରଙ୍କୁ ମାରଣାସ୍ତ୍ର ଦେଖାଇ ବାନ୍ଧି ପିକଅପ୍‌କୁ ଅପହରଣ କରିନେଇଥିଲେ। ତେବେ ଅଣ୍ଡା ମାଲିକ ଗାଡି ନ ପାଇ ଖନ୍ତାପଡା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଥାନାରେ ଏକ ମାମଲା (ନଂ.୬୪/୨୦୨୦) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା । ତଦନ୍ତ ପରେ ପୋଲିସକୁ ବଡଧରଣର ସୁରାକ୍ ମିଳିଥିଲା। ଗାଡି ଅପହରଣରେ ୮ ଜଣ ସମ୍ପୃକ୍ତ ଥିବା ଜଣାପଡିଥିଲା । ଏନେଇ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା, ଖନ୍ତାପଡା ଥାନା, ଶିକ୍ଷାଞ୍ଜଳ ଥାନାଧିକାରୀଙ୍କୁ ନେଇ ପୃଥକ ଭାବେ ଦୁଇଟି ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍‌ରେ ଏସ୍‌ଡିପିଓ ପ୍ରଭାସ ପାଲ ମଧ ସାମିଲ ହୋଇ ତଦନ୍ତ କରୁଥିଲେ।

# ସମବାୟ ଦେବ ଯୋଜନାରୁ ସୁଫଳ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ମାଲକାନଗିରି,୨୮।୨ (ଡି.ଏନ୍.ଏ.)

**କୃଷି ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ**

ମାଲକାନଗିରି ପୌର ପରିଷଦ ସମ୍ମିଳନୀ କକ୍ଷରେ କୋରାପୁଟ ସମବାୟ ପରିଚାଳନା କେନ୍ଦ୍ର ତରଫରୁ କୃଷି ଓ ଆନୁଷଙ୍ଗିକ କୃଷି ସମ୍ପର୍କିତ ଏକ କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋରାପୁଟ ସମବାୟ ସମିତିର ଅଧ୍ୟକ୍ଷ ସଞ୍ଜୟ କୁମାର ପାତ୍ର ଅଧ୍ୟକ୍ଷତା କରିଥିଲେ। ମାଲକାନଗିରି ଜିଲା ବିକାଶ ପରିଷଦ ଅଧ୍ୟକ୍ଷ ମାନସ ମାଡକାମି, ଗଜପତି ଜିଲାର ପୂର୍ବତନ ଜିଲା ଉନ୍ନୟନ ଅଧିକାରୀ ସୁରେଶ ଚନ୍ଦ୍ର ଦାସ, ବ୍ଲକ କୃଷି ଅଧିକାରୀ ପ୍ରଦୀପ ନନ୍ଦ, କୃଷି ପରାମର୍ଶଦାତା ରାଜୁ ଶର୍ମା, ଆମ୍ଭାର ପବିତ୍ର ମୋହନ ଦାସ, ବାସୁଦେବ ପାତ୍ର ପ୍ରମୁଖ ଅତିଥି ରୂପେ ଉପସ୍ଥିତ ଥିଲେ। ଦଣ୍ଡକାରଣ୍ୟ ସେବା ସମବାୟ ସମିତି, ଝରାପାଲି ମହିଳା ଦୁଗ୍ଧ ସମବାୟ ସମିତି, ମାର୍କାପାଲି ମହିଳା ଦୁଗ୍ଧ ସମବାୟ ସମିତି, ମଲ୍ଲିଗୁଡା ମହିଳା ଦୁଗ୍ଧ ସମବାୟ ସମିତିର ଶତାଧିକ ମହିଳା ଏଥିରେ ଅଂଶଗ୍ରହଣ କରିଥିଲେ। ମାଲକାନଗିରି ଜିଲାରେ କୃଷିର ବିକାଶ ହୋଇଛି। ଏଥିସହ ଦୁଗ୍ଧ ଉତ୍ପାଦନରେ ମଧ୍ୟ ବୃଦ୍ଧିପାଇଛି। ଆଗାମୀ ଦିନରେ ମହିଳାମାନେ ସମବାୟ ସମିତି ମାଧ୍ୟମରେ ରିହାତି ଦରରେ ଉନ୍ନତ ମାନର ଗାଇପାଳନ କରି ଦୁଗ୍ଧ ଉତ୍ପାଦନ ସହ କୁକୁଡା ପାଳନ, ଛେଳି ପାଳନ, ମେଣ୍ଢା, ଠେକୁଆ, ଘୁଷୁରି ପାଳନ କରି ଉତ୍ପାଦିତ ଦ୍ରବ୍ୟରେ ଜିଲାର ଚାହିଦା ପୂରଣ କରିବା ସହ ଅନ୍ୟ ରାଜ୍ୟକୁ ରପ୍ତାନି କଲେ ନିଜର ଆର୍ଥିକ ଉନ୍ନତି କରିପାରିବେ ବୋଲି ଉନ୍ନୟନ ପରିଷଦ ଅଧ୍ୟକ୍ଷ ମାଡକାମୀ କହିଥିଲେ। ମାଛଚାଷ, ଫଳଚାଷ, ଫୁଲଚାଷ, ହଳଦୀ, ଅଦା, ମହୁଚାଷ ସହ ବିଭିନ୍ନ ପନିପରିବା ଚାଷ କରି ସମବାୟ ମାଧ୍ୟମରେ ଯୋଜନାର ସୁଫଳ ପାଇପାରିବେ ବୋଲି ଅତିଥିମାନେ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ।

# ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଜିଲାସ୍ତରୀୟ କ୍ରୀଡା ପ୍ରତିଯୋଗିତା

ମାଲକାନଗିରି,୨୮।୨ (ଡି.ଏନ୍.ଏ.)–

ମାଲକାନଗିରି ଜିଲା ନେହେରୁ ଯୁବକେନ୍ଦ୍ର ତରଫରୁ ଦୁଇଦିନିଆ ଜିଲାସ୍ତରୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲା କ୍ରୀଡା ଅଧିକାରୀ କୁଳମଣି ନିଆଲ, ସମ୍ମାନିତ ଅତିଥି ରୂପେ ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ ଏଲ.ଡି.ଏମ୍ ପ୍ରଶାନ୍ତ ଦାଶ, କ୍ଷେତ୍ର ପରିଚାଳକ ସତ୍ୟ ନାରାୟଣ ରାଉତ, ଜେକେ ଟ୍ରଷ୍ଟର ଶଙ୍କର ଖିଡ଼ି, ପିଇଟି ପ୍ରଦ୍ୟୁମ୍ନ ସିଂ, ଯୁବ ସଂଯୋଜକ ପରିଶ ଗୁପାଲ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଜିଲାର୭ଟି ବ୍ଲକରୁ ୧୫୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଭଲିବଲ୍, ଫୁଟବଲ୍, କବାଡ଼ି, ତୀରଚାଳନା, ଓ ବ୍ୟାଡମିଣ୍ଟନ ପ୍ରତିଯୋଗିତା ହୋଇଥିଲା। ଶୁକ୍ରବାର ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ବିଜୟୀ ଖେଳାଳିମାନଙ୍କୁ ପୁରସ୍କୃତ କରାଯାଇଥିଲା। ନେହେରୁ ଯୁବକେନ୍ଦ୍ରର ସନ୍ତୋଷ କୁମାର ପାତ୍ର ଧନ୍ୟବାଦ ଦେଇଥିଲେ।

# ୮ କୁଇଣ୍ଟାଲ ପଲିଥିନ ଜବତ

ମାଲକାନଗିରି,୨୮।୨ (ଡି.ଏନ୍.ଏ.)–



ଜବତ ହୋଇଥିବା ପଲିଥିନ ।

- ୨ ଗୋଦାମ ଉପରେ ଚଢାଉ
- ୬ ଲକ୍ଷ ୫୦ ହଜାର ଟଙ୍କା ଜରିମାନା
- ଜିଲାପାଳଙ୍କ ନିର୍ଦ୍ଦେଶରେ ହୋଇଥିଲା ଚଢାଉ

ମାଲକାନଗିରି ଜିଲାରେ ପଲିଥିନ ବ୍ୟବହାର ବର୍ଜନ ପାଇଁ ଜିଲା ପ୍ରଶାସନ ଓ ବନ ବିଭାଗ ପକ୍ଷରୁ ଲୋକଙ୍କୁ ବାରମ୍ବାର ସଚେତନ କରାଯାଉଛି। ଏହା ସତ୍ତ୍ୱେ ବ୍ୟବସାୟୀମାନେ ଏହାକୁ ଗୁରୁତ୍ୱ ଦେଉନାହାନ୍ତି। ପଲିଥିନ ଖୁଚୁରା ବ୍ୟବସାୟୀଙ୍କୁ ବିକ୍ରି କରୁଛନ୍ତି। ଫଳରେ ମାଲକାନଗିରି ସହର ଏବଂ ଜିଲାର ଅନ୍ୟାନ୍ୟ ଅଞ୍ଚଳରେ ପଲିଥିନ ବହୁଳ ପରିମାଣର ବ୍ୟବହାର ହେଉଛି। ଏଥିଯୋଗୁ ପରିବେଶ ଦୂଷିତ ସହ ବିଭିନ୍ନ ନାଳ ନର୍ଦ୍ଦମାରେ ପଲିଥିନ ପଡି ଆବର୍ଜନା ପାଣି ନିଷ୍କାସନ ହୋଇପାରୁନାହିଁ। ବର୍ଷା ସମୟରେ ଡ୍ରେନ୍ ପାଣି ରାସ୍ତା ଉପରକୁ ଆସି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଏହାକୁ ଦୃଷ୍ଟିରେ ରଖି ଜିଲାପାଳ ମନୀଷ ଅଗ୍ରୱାଲଙ୍କ ନିର୍ଦ୍ଦେଶରେ ଶୁକ୍ରବାର ମାଲକାନଗିରି ସହରର ଦୁଇଟି ବ୍ୟବସାୟ ପ୍ରତିଷ୍ଠାନ ଉପରେ ପୌର ପରିଷଦ ଓ ପୋଲିସ ପକ୍ଷରୁ ଚଢାଉ କରା ଯାଇଥିଲା। ବ୍ୟବସାୟୀ ନାରାୟଣ ସୁରାନା ଓ ଜି. ନାରାୟଣ ରାଓଙ୍କ ଗୋଦାମରୁ ବିଭିନ୍ନ କିସମର ୮ କୁଇଣ୍ଟାଲ ପଲିଥିନ ଜବତ ହୋଇଥିଲା। ଏଥିପାଇଁ ଉଭୟଙ୍କୁ ୬ ଲକ୍ଷ ୫୦ ହଜାର ଟଙ୍କା ଜରିମାନା କରାଯାଇଛି। ଚଢାଉରେ ପୌର ପରିଷଦ ନିର୍ବାହୀ ଅଧିକାରୀ ଏମ୍. ନୀଳକଣ୍ଠ ନାଇଡୁ, ଇନ୍ଦୁମାଧବ ସରକାର, ଲିଙ୍ଗରାଜ ପାଳ, ଅତିରିକ୍ତ ତହସିଲଦାର ସଦାଶିବ ଭତ୍ରା, ପଦ୍ମନାଭ ବେଟି, ଏସ୍‌ଆଇ ସୁନିଲ କୁମାର ସ୍ୱାଇଁ ପ୍ରମୁଖ ସାମିଲ ହୋଇଥିଲେ।

# ଶିକ୍ଷା ସହ କ୍ରୀଡ଼ାକୁ ଗୁରୁତ୍ୱ ଦେବାକୁ ପରାମର୍ଶ

ମାଲକାନଗିରି,୨୮।୨ (ଡି.ଏନ୍.ଏ.)–

**କସ୍ତୁରବା ବାଳିକା ବିଦ୍ୟାଳୟ ବାର୍ଷିକ ଉତ୍ସବ**



ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ପିଲାମାନେ ।

ମାଲକାନଗିରି ଜିଲା ସଦରସ୍ଥିତ ଚଳାଣଗୁଡା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ୧୦ମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଡ. ଗୁଣନିଧି ନାୟକଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ମାନସ ମାଡକାମି, ଚଳାଣଗୁଡା ସରପଞ୍ଚ ପୁଷ୍ପାରାଣୀ ପଡିଆମି, ପୂର୍ବତନ ସରପଞ୍ଚ ଇର୍ମା ପଡିଆମି, ସାହିତ୍ୟିକ କେଶବ ଚନ୍ଦ୍ର ନାୟକ, ଜିଲା ସମଗ୍ର ଶିକ୍ଷା ବାଳିକା ସଂଯୋଜିକା ଶକୁନ୍ତଳା ମାଝୀ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ନାରାୟଣ ଭୋଳ ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଆଭାରାଣୀ ବିଶ୍ୱାଳ ଅତିଥି ପରିଚୟ ଦେବା ସହ ବିବରଣୀ ପାଠ କରିଥିଲେ । ଛାତ୍ରୀଛାତ୍ରମାନେ ଶିକ୍ଷା ଗ୍ରହଣ ସହ କ୍ରୀଡାକୁ ଗୁରୁତ୍ୱ ଦେଇ ନିଜକୁ ସୁନାଗରିକ ରୂପେ ଗଢି ତୋଳିବା ପାଇଁ ମୁଖ୍ୟଅତିଥି ମାଡକାମି ପରାମର୍ଶ ଦେଇଥିଲେ। ମାଲକାନଗିରି ଭଳି ଏକ ଉପାନ୍ତ ଜିଲାରେ ଏହି ବିଦ୍ୟାଳୟ ସବୁ କ୍ଷେତ୍ରରେ ସୁନାମ ଅର୍ଜନ କରିବା ସହ ଛାତ୍ରୀଛାତ୍ରଙ୍କ ବହୁମୁଖୀ ବ୍ୟକ୍ତିତ୍ୱର ବିକାଶ ପାଇଁ ଗୁରୁତ୍ୱ ଦେଉଛି। ବିଦ୍ୟାଳୟରେ ଶୃଙ୍ଖଳିତ ଜୀବନଯାପନ, କୌଶଳ ଶିକ୍ଷା, ଯୋଗ, ବ୍ୟାୟାମ ଓ ଆତ୍ମରକ୍ଷା କୌଶଳ, ବୈଷୟିକ ତାଲିମ୍, ଧନ୍ଦାମୂଳକ ଶିକ୍ଷା, ସୃଜନୀଶକ୍ତିର ବିକାଶ, ସାଂସ୍କୃତିକ କାର୍ଯ୍ୟକ୍ରମ, ଚାରାରୋପଣ, କମ୍ପ୍ୟୁଟର ଶିକ୍ଷା ବିଦ୍ୟାଳୟର ସୁନାମକୁ ସବୁ କ୍ଷେତ୍ରରେ ପ୍ରଶଂସିତ କରିଛି ବୋଲି ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଡ. ନାୟକ କହିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

# ନିଯୁକ୍ତି ମେଳାରେ ସାମିଲ ହେଲେ ୫୮୦ ଯୁବତୀଯୁବକ

ମାଥିଲି/ଗୋବିନ୍ଦପାଲି,୨୮।୨ (ଡି.ଏନ.ଏ.)

ମାଲକାନଗିରି ଜିଲା ମାଥିଲି ବ୍ଲକ ସଦର ଆରଏମସି ଗୋଦାମ ଗୃହ ପରିସରରେ ଶୁକ୍ରବାର ବ୍ଲକସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି । ମାଥିଲି ପ୍ରଶାସନ, ଓରମାସର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଡିଓ ଆଶିଷ କୁମାର ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ । ଅନ୍ୟତମ ଅତିଥି ଭାବେ ଏବିଡିଓ ସରୋଜ କୁମାର ପ୍ରଧାନ, ଜିଲା ସଂଯୋଜକ ଜିତେନ୍ଦ୍ର ପାତ୍ର ଏବଂ ସମସ୍ତ ପଞ୍ଚାୟତର ସରପଞ୍ଚଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ବ୍ଲକର ୨୦ ପଞ୍ଚାୟତରୁ ୫୮୦ ଜଣ ଯୁବତୀଯୁବକ ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରୁ ୨୭୦ ଜଣଙ୍କୁ ବିଭିନ୍ନ ତାଲିମ ନେବାକୁ ପଞ୍ଜୀକୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିପିଏମ ବିନୀତ କୁମାର ଖୁରା, ଚିନ୍ମୟ କୁମାର ସିଂ, ଦକ୍ଷତା ବିକାଶ ସଂଯୋଜକ ଅନିର୍ବାଣ ନାୟକ, ପ୍ରମୁଖ ପରିଚାଳନା କରିଥିଲେ।



ନିଯୁକ୍ତି ଶିବିରରେ ଯୋଗ ଦେଇଥିବା ଯୁବତୀଯୁବକମାନେ ।

# ପୂର୍ବାହ୍ନ ୧୧ଟା ପରେ ଶ୍ରମିକଙ୍କୁ କାର୍ଯ୍ୟରେ ଲଗାଇଲେ କାର୍ଯ୍ୟାନୁଷ୍ଠାନ

ମାଲକାନଗିରି,୨୮।୨ (ଡି.ଏନ୍.ଏ.)–



ଗ୍ରୀଷ୍ମ ପ୍ରବାହ ନେଇ ବସିଥିବା ବୈଠକରେ ଅଧିକାରୀମାନେ ।

**ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବୈଠକ**
- ବାହାରକୁ ଗଲେ ଛତା, ଗାମୁଛା, ପାଣି ବୋତଲ ନେବା
- ସବୁ ବିଭାଗ ଜଳଛତ୍ର ଖୋଲିବା
- ସ୍ୱାସ୍ଥ୍ୟ ବିଭାଗ ଔଷଧ,ସାଲାଇନ୍ ମହଜୁଦ ରଖିବା

ମାଲକାନଗିରି ଜିଲା ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ ଗ୍ରାମ ଉନ୍ନୟନ ବିଭାଗ ସମ୍ମିଳନୀ କକ୍ଷରେ ଜିଲାପାଳ ମନୀଷ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଆଗାମୀ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ବୈଠକରେ ସତର୍କତା ଅବଲମ୍ବନ ନେଇ ଆଲୋଚନା କରାଯାଇଥିଲା । ପଥିକମାନେ ଅତ୍ୟଧିକ ଗରମ ସମୟରେ କିପରି ନିଜକୁ ସୁରକ୍ଷିତ କରିପାରିବେ, ବାହାରକୁ ଗଲେ ଛତା, ଓଦା ଗାମୁଛା ଏବଂ ପାଣି ବୋତଲ ସାଙ୍ଗରେ ନେବାପାଇଁ ସଚେତନ କରିବାକୁ ନିଷ୍ପତ୍ତି ହୋଇଥିଲା । ଚଳିତବର୍ଷ ଶ୍ରମିକମାନଙ୍କୁ ପୂର୍ବାହ୍ନ ୧୧ଟା ପରେ କାର୍ଯ୍ୟରେ ନ ଲଗାଇବା ପାଇଁ ସମସ୍ତ ବିଭାଗ, ଠିକାଦାର ଏବଂ ଶ୍ରମ ବିଭାଗକୁ ଅବଗତ କରାଯାଇଛି। ଏଥିରେ ବ୍ୟତିକ୍ରମ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ କହିଛନ୍ତି। ସେହିପରି ପଞ୍ଚାୟତ, ସାପ୍ତାହିକ ହାଟ, ବିଭିନ୍ନ ବିଶ୍ରାମାଗାର, ପୌର ପରିଷଦ ଏବଂ ବିଜ୍ଞାପିତ ଅଞ୍ଚଳ ପରିଷଦ, ସହ ସମସ୍ତ ସରକାରୀ କାର୍ଯ୍ୟାଳୟ, ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଜଳଛତ୍ର ଖୋଲିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି ପ୍ରତ୍ୟେକ ଡାକ୍ତରଖାନାରେ ଜରୁରିକାଳୀନ କକ୍ଷ, ପ୍ରଚୁର ପରିମାଣରେ ଔଷଧ ଓ ସାଲାଇନ୍ ମହଜୁଦ ରଖିବା ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ଅବଗତ କରାଯାଇଛି। ଜଙ୍ଗଲରେ ଯେପରି ନିଆଁ ନ ଲାଗେ ସେଥିପ୍ରତି ବନ ବିଭାଗ ବନାଞ୍ଚଳ ଅଧିବାସୀମାନଙ୍କୁ ସଚେତନ କରିବା ସହ ବ୍ୟାପକ ପଦକ୍ଷେପ ନେବାକୁ କୁହାଯାଇଛି। ଅଗ୍ନିଶମ ବିଭାଗକୁ ସଜାଗ ରହିବାକୁ ନିର୍ଦ୍ଦେଶ ହୋଇଛି। ସହରାଞ୍ଚଳରେ ପାନୀୟ ଜଳ ଯୋଗାଇଦେବା ସହ ଗ୍ରାମାଞ୍ଚଳଗୁଡିକରେ ନଳକୂପ ମରାମତି, ଆବଶ୍ୟକ ସ୍ଥଳେ ନଳକୂପ ଖନନ, ଟ୍ୟାଙ୍କର ଯୋଗେ ପାଣି ଯୋଗାଣ, ଅଚଳ ହୋଇ ପଡିଥିବା ପାଇପଗୁଡିକର ମରାମତି ଶୀଘ୍ର ସାରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନ, ଡିଏଫ୍‌ଓ ପ୍ରଦୀପ ଦେବୀଦାସ ମିରାଶେ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୁଣନିଧି ନାୟକ, ପ୍ରତ୍ୟେକ ବିଭାଗର ଜିଲାସ୍ତରୀୟ ଅଧିକାରୀ, ଜିଲାର ସମସ୍ତ ବିଡିଓ, ତହସିଲଦାର, ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

**PARADIP PORT TRUST**
**E-AUCTION NOTICE**
NO.EM/MM/SCRAP-12-2019/55
Dtd. 20.02.2020
Paradip Port Trust intent to dispose off Spillage Iron Ore on "as is where is basis" by e-auction through M/s. MSTC. For details interested bidders may log on to MSTC website www.mstcindia.co.in/ www.mstcecommerce.com
Sr. Dy. Materials Manager
PPT/PR/691/19-20 Dt. 28.02.2020

**ପୂର୍ବ ତଟ ରେଳପଥ**
**ନିର୍ମାଣ କାର୍ଯ୍ୟ**
ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCPMSBP2020015, ତା: 24.02.2020
କାର୍ଯ୍ୟର ନାମ : ତାଳଚେର ରୋଡ୍ ଠାରେ ଫ୍ଲାଇଓଭର ସହିତ ଜରପଡ଼ା ଏବଂ ବୁଢ଼ାପଙ୍କ ମଧ୍ୟରେ ତୃତୀୟ ଏବଂ ଚତୁର୍ଥ ଲାଇନ୍ : ଜରପଡ଼ା ଷ୍ଟେସନ ଠାରୁ ତାଳଚେର ରୋଡ୍ ଷ୍ଟେସନ ପର୍ଯ୍ୟନ୍ତ ତୃତୀୟ ଏବଂ ଚତୁର୍ଥ ଲାଇନ୍ ଏବଂ ତାଳଚେର ରୋଡ୍ ଠାରୁ ତାଳଚେର ଚତୁର୍ଥ ଲାଇନ୍ : ଟ୍ରାକ୍ ସଂଯୋଗ (Linking of Track), ପଏଣ୍ଟ ଏବଂ କ୍ରସିଙ୍ଗଗୁଡ଼ିକର ଅନ୍ତଃସ୍ଥାପନ (Insertion) ଏବଂ ବିଛାଇବା, ଟ୍ରାକ୍‌ର ଆଲୁମିନା ଥର୍ମିକ(AT) ୱେଲ୍ଡିଙ୍ଗ, P.Way ସାମଗ୍ରୀଗୁଡ଼ିକର ପରିବହନ, ବାଲାଷ୍ଟକୁ ଗୋଟିଏ ସ୍ଥାନରୁ ଉଠାଇ ଅନ୍ୟ ସ୍ଥାନ ପର୍ଯ୍ୟନ୍ତ ନେଇଯିବା (Leading & Spreading) ଏବଂ ବିଛାଇବା କାର୍ଯ୍ୟ, ଲେଭେଲ କ୍ରସିଂଗୁଡ଼ିକ ଠାରେ ଲିଫ୍ଟିଂ ବାରିଅର (Lifting Barriers)ଗୁଡ଼ିକର ଯୋଗାଣ ଏବଂ ସ୍ଥାପନ ଭଳି P.Way କାର୍ଯ୍ୟ ତଥା ଅନ୍ୟ ସମ୍ପର୍କିତ କାର୍ଯ୍ୟଗୁଡ଼ିକର ସମ୍ପାଦନ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): ₹ 2339.12 ଲକ୍ଷ, EMD (ଟଙ୍କାରେ) : ₹ 13,19,600/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : ₹ 11,800/-, କାର୍ଯ୍ୟ ଶେଷ ହେବା ଅବଧି : 24(ଚବିଶି)ମାସ ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.26.03.2020ରିଖ 1200 ଘଟିକାରେ ।
ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ ।
ଟେଣ୍ଡର ମୂଲ୍ୟ ତୁଳନାରେ 10% ରୁ କମ୍ ମୂଲ୍ୟର ପ୍ରସ୍ତାବ ପ୍ରଦାନ କରୁଥିବା ଟେଣ୍ଡରଦାତାମାନଙ୍କୁ ପ୍ରସ୍ତାବ ସ୍ୱୀକୃତ ହେବା ସ୍ଥିତିରେ ସେହି ମାତ୍ରାରେ ପ୍ରତିଶତ ଅତିରିକ୍ତ ପରଫରମାନ୍ସ ଗ୍ୟାରେଣ୍ଟି ଦାଖଲ କରିବାକୁ ହେବ, ଯେଉଁ ମାତ୍ରାରେ 10 ପ୍ରତିଶତରୁ କମ୍ ପ୍ରସ୍ତାବ ଦିଆଯାଇଛି ।
ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-128/CC/19-20

## ସଂକ୍ଷେପରେ

### ନିମନ୍ତ୍ରଣ ଦେବାକୁ ଯାଇଥିଲେ, ଶବ ହୋଇ ଫେରିଲେ

#### ଦୁର୍ଘଟଣାରେ ଯୁବକ ମୃତ

କୋଷାଗୁମୁଡା, ୨୮।୨ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ ଦମକଳ କେନ୍ଦ୍ର ନିକଟରେ ଗୁରୁବାର ବିଳମ୍ବିତ ରାତିରେ ବାଇକ୍ ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଦୁରାଗାଁ ଗ୍ରାମର ସମଧର ବୈରାଗୀ(୩୫)।

ପ୍ରକାଶ ଯେ, ସମଧର ଗାଁର ଚଇତୁ ଭତ୍ରାଙ୍କୁ ନେଇ ଜଣେ ସମ୍ପର୍କୀୟଙ୍କ ବିବାହ ନିମନ୍ତ୍ରଣ କାର୍ଡ ବାଣ୍ଟିବାକୁ ଯାଇଥିଲେ। ଫେରିବା ବେଳକୁ ବାଇକ୍‌ଟି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଚଇତୁ ତାଙ୍କୁ କୋଷାଗୁମୁଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଶୁକ୍ରବାର ବ୍ୟବଚ୍ଛେଦ ପରେ ପରିବାରକୁ ମୃତଦେହ ହସ୍ତାନ୍ତର କରାଯାଇଛି। ଏ ନେଇ କୋଷାଗୁମୁଡ଼ା ଥାନାରେ ୨୫/୨୦ରେ ମାମଲା ରୁଜୁ କରାଯିବା ସହ ବାଇକ୍‌କୁ ଜବତ କରାଯାଇଥିବା ପୋଲିସ ସୂଚନା ଦେଇଛି।

### ମା' ଦନ୍ତେଶ୍ୱରୀ ଭୈରବ ମନ୍ଦିରର ରତ୍ନମୁଦ ସ୍ଥାପନ



ଡାବୁଗାଁ, ୨୮।୨(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ଧାମନାଗୁଡା ଗାଁରେ ଅଖିଳ ଭାରତୀୟ ଭତରା ବିକାଶ ପରିଷଦ ପକ୍ଷରୁ ମା' ଦନ୍ତେଶ୍ୱରୀ ଭୈରବ ମନ୍ଦିରର ରତ୍ନମୁଦ ସ୍ଥାପନ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏଥିରେ ଧାମନାଗୁଡା ଗ୍ରାମ ସହ ନବରଙ୍ଗପୁର ଜିଲାର ବିଭିନ୍ନ ବ୍ଲକ, କଳାହାଣ୍ଡି, କୋରାପୁଟ, ନୂଆପଡା, ମାଲକାନଗିରି, ଛତିଶଗଡ ରାଜ୍ୟର ବସ୍ତର, କୋଣ୍ଡାଗାଁ, ସୁକୁମା ଓ ଦାନ୍ତେୱାଡା ଅଞ୍ଚଳରୁ ଭକ୍ତମାନେ ସାମିଲ ହୋଇଥିଲେ। ଭକ୍ତମାନେ ମନ୍ଦିର ଉପରେ ଥିବା କଳସରେ ବିଭିନ୍ନ ରତ୍ନ, ଧାନ, ମାଣ୍ଡିଆ, ମୁଗ, ବିରି ଆଦି ସାମଗ୍ରୀ ପକାଇଥିଲେ। ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି, ଜିଲା ପରିଷଦ ଅଧକ୍ଷା ଭଗବତୀ ଭତ୍ରା, ଡାବୁଗାଁ ପୂର୍ବତନ ବିଧାୟକ ଭୁଜବଳ ମାଝି, ପୂର୍ବତନ ରାଜ୍ୟ ସଭା ସଦସ୍ୟ ଭଗବାନ ମାଝି, ଜିଲା ଆଦିବାସୀ ବିକାଶ ପରିଷଦ ଅଧକ୍ଷ ମୋତିରାମ ନାୟକ, ଝରିଗାଁ ବିଡିଓ ଦେବେନ୍ଦ୍ର ବାହାଦୁର ସିଂ ଦୁରୁଆ, ଅଖିଳ ଭାରତୀୟ ଭତରା ବିକାଶ ପରିଷଦ କେନ୍ଦ୍ରୀୟ କମିଟି ଉପସଭାପତି ଶଶିଧର ମାଝି, ସାଧାରଣ ସମ୍ପାଦକ ଗୋପୀନାଥ ମାଝି, ଅଖିଳ ଭାରତୀୟ ବିକାଶ ପରିଷଦ କୋରାପୁଟ ଜିଲା ସଭାପତି ମଙ୍ଗରାଜ ରନ୍ଧାରୀ, ସାଧାରଣ ସମ୍ପାଦକ ରୁପୁ ଭତ୍ରା, ବସ୍ତର ଜିଲା ସାଧାରଣ ସମ୍ପାଦକ ଅସୁରାମ କାଶ୍ୟପ, କଳାହାଣ୍ଡି ଜିଲା ପରିଷଦ ସଭ୍ୟ ସୁନିନ୍ଦ୍ର ସୂରୀ, ଝରିଗାଁ ବ୍ଲକ ଏମ୍‌ପି ପ୍ରତିନିଧି ପ୍ରିୟରଞ୍ଜନ ଦାଶ, ଜିଲା ପ୍ରତିନିଧି ପ୍ରମୋଦ ପାଢ଼ୀ, ପାପଡାହାଣ୍ଡି ବ୍ଲକ ପୂର୍ବତନ ଅଧକ୍ଷ ଲିଙ୍ଗରାଜ ଭତ୍ରା, ପୂର୍ବତନ ଜିଲା ପରିଷଦ ଅଧକ୍ଷା ମଞ୍ଜୁଳା ମାଝି, ଇନ୍ଦ୍ର ଭତ୍ରା ପ୍ରମୁଖ ଯୋଗଦେଇଥିଲେ। ମନ୍ଦିର କମିଟି ସଭାପତି ରାମଧର ମାଝି, ଗୋପାଳ ପୂଜାରୀ, ଲକ୍ଷ୍ମୀ ଚନ୍ଦ୍ର ମାଝି, ଫଗୁନୁ ମାଝି, ସନ୍ନ୍ୟାସୀ ପୂଜାରୀ, ରବିସିଂ ପୂଜାରୀ, ଜୟା ମାଝିଙ୍କ ସହ ଅନ୍ୟମାନେ ସହଯୋଗ କରିଥିଲେ।

# ଅଜଣା ରୋଗ ନେଲାଣି ପରିବାରର ୩ ଜୀବନ

- ଆଖି ବୁଜିଲେ ଯଦୁ
- ଡାକ୍ତରୀ ଚିକିତ୍ସାକୁ ଭରସା ନ ଥିବା କହିଲେ ଘର ଲୋକେ
- ମା' ବାପାଙ୍କୁ ଘାରିଛି ଏକମାତ୍ର ଜୀବିତ ସନ୍ତାନର ଭବିଷ୍ୟତ ଚିନ୍ତା

ପାପଡ଼ାହାଣ୍ଡି, ୨୮।୨,(ଡି.ଏନ୍.ଏ.)

ହୋଇପାରିଲା ନାହିଁ ଅଜଣା ରୋଗର ଚିକିତ୍ସା। ଶେଷରେ ଶୁକ୍ରବାର ସକାଳୁ ଆଖି ବୁଜିଲେ ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ମାଝିଗୁଡା ପଞ୍ଚାୟତ ଡମୁଗୁଡାର ଯଦୁ। ପୂର୍ବରୁ ଗୋଟିଏ ଝିଅ ଓ ଦୁଇ ପୁଅଙ୍କୁ ଏହି ରୋଗରେ ହରାଇବା ପରେ ବର୍ତ୍ତମାନ ଚିନ୍ତାରେ ମା' ବାପା। ଏକମାତ୍ର ଜୀବିତ ପୁଅର ଭବିଷ୍ୟତ ନେଇ ସେମାନେ ଭୟଭୀତ।

ଡମୁଗୁଡ଼ା ଗାଁର ମିଟୁ ମୁଦୁଲି ଓ ଯମୁନାଙ୍କ ପୁଅ ଯଦୁ। କିଛିଦିନ ତଳେ ଯଦୁଙ୍କୁ ଜ୍ୱର ହୋଇ ତାଙ୍କ ହାତ ଗୋଡ଼ ଅକାମୀ ହୋଇଯାଇଥିଲା। ପରିବାର ଲୋକେ ପ୍ରଥମେ ସ୍ଥାନୀୟ ଡାକ୍ତରଖାନା ପରେ ନବରଙ୍ଗପୁର ଓ ଶେଷରେ କୋରାପୁଟ ମେଡିକାଲକୁ ନେଇ ଯଦୁଙ୍କୁ ଦେଖାଇଥିଲେ। ଅଧିକ ଚିକିତ୍ସା ପାଇଁ ତାଙ୍କୁ ବ୍ରହ୍ମପୁର ନେବାକୁ ଡାକ୍ତର ପରାମର୍ଶ ଦେଇଥିଲେ। ଅର୍ଥ ଅଭାବ ହେତୁ ପରିବାର ଲୋକ ଡାକ୍ତରଖାନାରୁ ଲୁଚି ଯଦୁଙ୍କୁ ନେଇ ଘରକୁ ପଳାଇ ଆସିଥିଲେ। ଘରେ ଗୁଣିଆ ଡକାଇ ଝଡାଫୁଙ୍କା ଚଳାଇଥିଲେ। ଏହି ଖବରପାଇ ସ୍ଥାନୀୟ ସ୍ୱାସ୍ଥ୍ୟକର୍ମୀ ଓ ଭ୍ରାମ୍ୟମାଣ ଡାକ୍ତର ଦଳ ଗୁରୁବାର ଡମୁଗୁଡା ଯାଇ ଯଦୁଙ୍କ ଚିକିତ୍ସା କରାଇବାକୁ ପରିବାର ଲୋକଙ୍କୁ ବୁଝାଶୁଝା କରିଥିଲେ। ଡାକ୍ତରୀ ଚିକିତ୍ସା ଉପରେ ବିଶ୍ୱାସ ନ ଥିବା ତାଙ୍କ ପରିବାର ଲୋକ କହିଥିଲେ। ଏଭଳି ଅଜଣା ରୋଗରେ ଏହା ପୂର୍ବରୁ ୩ଟି ଛୁଆଙ୍କୁ ହରାଇଥିବା ମା' ଯମୁନା କହିଛନ୍ତି। ବର୍ତ୍ତମାନ ସାନ ପୁଅ ବିଧାରୀଙ୍କ ଭବିଷ୍ୟତକୁ ନେଇ ସମସ୍ତେ ଚିନ୍ତାରେ।



ବିଧାରୀ ସହ ମା' ଯମୁନା ଏବଂ ବାପା ମିଟୁ।


## ଡଗଡମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଡଗଡମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ବାଳ ଶୁଖୋଉଛି ପୋଖରୀ ତୁଠରେ**
**ପିନ୍ଧିଛି କୁସୁମୀ ପାଟ**
**ଯାଆନ୍ତି ପାଖକୁ ଚିହ୍ନନ୍ତି ଅବା ସେ**
**ସଳଖ ତ ନାହିଁ ବାଟ ।**

ଦୂରରୁ ଅଜଣା ନାରୀକୁ ଦେଖିଲେ ମନରେ ସ୍ୱତଃଦ୍ୱନ୍ଦ୍ୱ ସୃଷ୍ଟି ହୋଇଥାଏ। ପାଖକୁ ଯାଇ ଭଲମନ୍ଦ ବୁଝିବାରେ ଅନେକେ ପଛଘୁଞ୍ଚା ଦେଇଥାନ୍ତି ବା ସାହସ ଜୁଟାଇ ପାରି ନ ଥାନ୍ତି। ପରୋକ୍ଷରେ ପ୍ରେମୀଯୁଗଳ ପାଇଁ ଏ ସମାଜ ବା ଦୁନିଆ ସେତେଟା ସହଜ ହେଉ ନ ଥିବାର ଦେଖିବାକୁ ମିଳିଥାଏ। ଉଚ୍ଚ, ନୀଚ ଜାତି ପ୍ରଥା ଭଳି ଅନେକ ପ୍ରତିବନ୍ଧକ ତା' ଆଗରେ ପ୍ରାଚୀର ଭଳି ଦଣ୍ଡାୟମାନ ହୋଇଥାଏ, ଯାହାକୁ ମୁକାବିଲା କରିବା ଅନେକ କଷ୍ଟକର ହୋଇପଡ଼ିଥାଏ। ପ୍ରେମର ବାଟ ସଳଖ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ବାସନା ଥିଲେ ବିକାଶଇ ଗୁଣ**
**ଆପଣାଛାଏଁ କି ସୁନ୍ଦର ପଣ ?**

ଯାହା ପାଖରେ ଗୁଣ ଓ ପ୍ରତିଭା ଥାଏ ସେହି ବ୍ୟକ୍ତି ସମାଜରେ ଆଦର ଓ ସମ୍ମାନ ପାଇବା ସହ ଉଚ୍ଚ ପ୍ରଶଂସିତ ହୋଇଥାଏ। ତେବେ ଗୁଣ ନ ଥାଇ ଆତ୍ମପ୍ରଶଂସା କରିବା ବା ନିଜ ମୁହଁରେ ନିଜର ପ୍ରଶଂସା କରିବା ଶୋଭନୀୟ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଡଗଡମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଅଟୋ ଓଲଟି ୮ ମାଟ୍ରିକ ପରୀକ୍ଷାର୍ଥୀ ଆହତ

## ପରୀକ୍ଷା ଦେବାକୁ ଯାଉଛନ୍ତି ୧୭ କି.ମି.

ଝରିଗାଁ, ୨୮।୨(ସ୍ୱ.ପ୍ର.)

ନିଜ ସ୍କୁଲଠାରୁ ୧୭ କି.ମି. ଦୂରକୁ ଯାଇ ମାଟ୍ରିକ ପରୀକ୍ଷା ଦେଇ ଫେରିବା ସମୟରେ ଭାରସାମ୍ୟ ହରାଇ ଅଟୋଟି ରାସ୍ତାକଡକୁ ଓଲଟି ପଡିବାରୁ ୮ ଛାତ୍ରୀ ଆହାତ ହୋଇଛନ୍ତି। ସେମାନଙ୍କୁ ଅନ୍ୟ ଏକ ଅଟୋ ଯୋଗେ ଶିକ୍ଷକମାନେ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ଛାତ୍ରୀମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ସୁସ୍ଥ ରହିଛି।

ଝରିଗାଁ ବ୍ଲକ ତେଲନଦୀ ଉଚ୍ଚ ବିଦ୍ୟାଳୟର ୨୮ଜଣ ଛାତ୍ରୀଛାତ୍ର ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେଉଛନ୍ତି। ଏଥିପାଇଁ ସେମାନଙ୍କୁ ୧୭ କି.ମି ଦୂର ଝରିଗାଁ ବ୍ଲକ ସରକାରୀ ଉଚ୍ଚ ବିଦ୍ୟାଳୟକୁ ଆସିବାକୁ ପଡିଥାଏ। ଛାତ୍ରୀ ନିବାସରେ ରହୁଥିବା ୨୩ଜଣ ଛାତ୍ରୀ ୩ ଅଟୋରେ ପରୀକ୍ଷା ଦେବାକୁ ଯାଇଥାନ୍ତି। ଶୁକ୍ରବାର ଛାତ୍ରୀମାନେ ବିଜ୍ଞାନ ପରୀକ୍ଷା ଦେଇ ଫେରିବା ବେଳେ ଜୁନାପାଣି ଗ୍ରାମ ନିକଟରେ ଭାରସାମ୍ୟ ହରାଇ ଅଟୋ ଓଲଟି ପଡିଥିଲା। ସେଥିରେ ବସିଥିବା ଛାତ୍ରୀ ତିଲୋତମା ସାନ୍ତା, ନିଳେନ୍ଦ୍ରୀ ହରିଜନ, ସୁସ୍ମିତା ହରିଜନ, ରମ୍ଭା ସାନ୍ତା, ସୁଶୀଳା ଜାନୀ, ଲାଲମତି ସାନ୍ତା, ଦେବତୀ ମାଝି ଏବଂ ରଞ୍ଜିତା ସାନ୍ତା ଆହତ ହୋଇଥିଲେ। ଶିକ୍ଷକ ରମେଶ କୁମାର ବେହେରା ସେମାନଙ୍କୁ ଉଦ୍ଧାର କରି ଆଉ ଏକ ଅଟୋରେ ଝରିଗାଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ଭର୍ତ୍ତି କରାଇଛନ୍ତି। ଆହତ ଛାତ୍ରୀମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ଘରକୁ ପଠାଯାଇଛି। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ଡାକ୍ତର ସ୍ମୃତି ମଧୁସିକ୍ତା କହିଛନ୍ତି।



ଛାତ୍ରୀମାନଙ୍କ ଚିକିତ୍ସା ଚାଲିଛି।

# ନବଜାତ ଶିଶୁକୁ ଘରକୁ ନେଲେନି ମା' ବାପା

## ଆପଣେଇଲା ଚାଇଲ୍ଡଲାଇନ

ଝୁମ୍ପୁରା, ୨୮।୨(ଡି.ଏନ.ଏ.)

ଘରେ ସନ୍ତାନଟିଏ ଜନ୍ମ ହେଲେ, ମା' ବାପାଙ୍କ ଖୁସି କହିଲେ ନ ସରେ। ଆଖପାଖରେ ଦେଖାଦିଏ ଖୁସିର ମାହୋଲ। ହେଲେ କେନ୍ଦୁଝର ଜିଲା ଝୁମ୍ପୁରାରେ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଦାରିଦ୍ର୍ୟର ତାଡନାରେ ଜର୍ଜରିତ ହେଉଥିବା ଏକ ଦମ୍ପତି ନିଜର ଜନ୍ମିତ ପୁତ୍ର ସନ୍ତାନକୁ ଡାକ୍ତରଖାନାରୁ ଘରକୁ ନେବାକୁ ଅନିଚ୍ଛା ପ୍ରକାଶ କରିଛନ୍ତି। ଶେଷରେ ନବଜାତକକୁ ଚାଇଲ୍ଡଲାଇନ କର୍ତ୍ତୃପକ୍ଷ ଆପଣେଇ ନେଇଛନ୍ତି। ଝୁମ୍ପୁରା ଡାକ୍ତରଖାନାରେ ଏଭଳି ଏକ ହୃଦୟବିଦାରକ ଘଟଣା ସାଧାରଣରେ ଆଲୋଡନ ସୃଷ୍ଟି କରିଛି। ଝୁମ୍ପୁରା ବ୍ଲକ ଅର୍ଶଳା ପଞ୍ଚାୟତ ମୁଣ୍ଡାସାହିର ବାସିନ୍ଦା ଶଙ୍ଖାଳି ଗାଗରାଇ ମୂଲ ମଜୁରି ଲାଗି ପେଟ ପୋଷନ୍ତି। ଶଙ୍ଖାଳିଙ୍କର ୨ ସ୍ତ୍ରୀ। ପ୍ରଥମ ସ୍ତ୍ରୀ ସାବିତ୍ରୀଙ୍କର ପୂର୍ବରୁ ୫ବର୍ଷର ଝିଅଟିଏ ଥିବା ବେଳେ ଗତ ୨୬ତାରିଖରେ ଝୁମ୍ପୁରା ଡାକ୍ତରଖାନାରେ ଏକ ପୁତ୍ର ସନ୍ତାନକୁ ଜନ୍ମ ଦେଇଛନ୍ତି। ନବଜାତକ ସୁସ୍ଥ ଥିବା ଡାକ୍ତରଖାନା ପକ୍ଷରୁ ଜଣାପଡିଛି। ଦ୍ୱିତୀୟ ସ୍ତ୍ରୀ ବୁଧୁନିଙ୍କର ୩ଟି ପୁତ୍ର ସନ୍ତାନ ଅଛନ୍ତି। ପୂର୍ବରୁ ୪ଟି ସନ୍ତାନସନ୍ତତି ଥିବାରୁ ଏବେ ନବଜାତକକୁ ଘରକୁ ନେବା ପାଇଁ ଶଙ୍ଖାଳି ଅନିଚ୍ଛା ପ୍ରକାଶ କରିଛନ୍ତି। ଏଭଳି ନିଷ୍ପତ୍ତିରେ ସାବିତ୍ରୀ ଦୁଃଖରେ ଭାଙ୍ଗିପଡିଥିଲେ ମଧ୍ୟ ସ୍ୱାମୀଙ୍କ କଥାକୁ ସେ ଟାଳି ପାରିନାହାନ୍ତି। ଏନେଇ ଚାଇଲ୍ଡଲାଇନକୁ ସୂଚନା ଦିଆଯିବା ପରେ ଚାଇଲ୍ଡଲାଇନରୁ ଦମୟନ୍ତୀ ମହାନ୍ତ ଝୁମ୍ପୁରା ଡାକ୍ତରଖାନାରେ ପହଞ୍ଚିଥିଲେ। ସେ ଅଙ୍ଗନୱାଡି କର୍ମୀ ଓ ଡାକ୍ତରଙ୍କ ସହିତ ଯୋଗାଯୋଗ କରି ଦମ୍ପତିଙ୍କଠାରୁ ଲିଖିତ ଭାବେ ନେବା ସହିତ ଆବଶ୍ୟକ କାଗଜପତ୍ର କାମ ସାରି ଶୁକ୍ରବାର ଅପରାହ୍ନରେ ନବଜାତକକୁ ଚାଇଲ୍ଡଲାଇନ ନିଜ ହେପାଜତକୁ ନେଇଯାଇଛି। ନବଜାତକର ସ୍ୱାସ୍ଥ୍ୟାବସ୍ଥା ପୁଣି ଥରେ ପରୀକ୍ଷା କରିବା ପରେ ତାକୁ କେନ୍ଦୁଝର ଶିଶୁ ଭବନରେ ରଖାଯିବ ବୋଲି କୁହାଯାଇଛି।

# ଅମିତ ଶାହଙ୍କ ଇସ୍ତଫା ଦାବି କଲା କଂଗ୍ରେସ

## ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

ନବରଙ୍ଗପୁର,୨୮।୨(ବି.ପ୍ର.)

କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ଇସ୍ତଫା ଦାବି କରିଛି ଜିଲା କଂଗ୍ରେସ । ଦିଲ୍ଲୀରେ ଆଇନ ଶୃଙ୍ଖଳା ନିୟନ୍ତ୍ରଣ କରିବାରେ ସେ ବିଫଳ ହୋଇଥିବା ଦଳ ଅଭିଯୋଗ କରିଛି। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗୃହମନ୍ତ୍ରୀଙ୍କ କୁଶପୁତଳିକା ଦାହ କରିବା ସହ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଜିଲାପାଳଙ୍କୁ ଦିଆଯାଇଛି।

ଦିଲ୍ଲୀ ଦଙ୍ଗାରେ ବହୁ ଘର, ଦୋକାନ ପେଟ୍ରୋଲ ପମ୍ପ, ସ୍କୁଲ ସହ ଅନେକ ସମ୍ପତି ଯାନବାହନ ନଷ୍ଟ ହୋଇଛି। ଏଥିରେ ୪୦ରୁ ଊର୍ଦ୍ଧ୍ୱ ଲୋକ ପ୍ରାଣ ହରାଇଚନ୍ତି। ଏହି ସମୟରେ ସେ ଆଇନ ଶୃଙ୍ଖଳା ନିୟନ୍ତ୍ରଣରେ ଅବହେଳ କରିବା ସହ ଆମେରିକା ରାଷ୍ଟ୍ରପତିଙ୍କ ଗସ୍ତରେ ବ୍ୟସ୍ତ ରହିଥିଲେ ବୋଲି ଦଳ ଅଭିଯୋଗ କରିଛି। ଏହାକୁ ଦଳ ୨୦୦୨ ଗୁରୁରାଟ ଦଙ୍ଗା ସହ ତୁଳନା କରିଛି। ଦେଶରେ ଶାନ୍ତି ଓ ସଦ୍‌ଭାବନା ବଜାୟ ରଖିବାପାଇଁ ରାଷ୍ଟ୍ରପତି ତାଙ୍କୁ ବହିଷ୍କାର କରନ୍ତୁ ବୋଲି କଂଗ୍ରେସ କର୍ମୀମାନେ କହିଛନ୍ତି। ଏହି ଅବସରରେ ଜିଲା କଂଗ୍ରେସ କମିଟି ସଭାପତି ମୁନା ତ୍ରିପାଠୀ, ପୂର୍ବତନ ବିଧାୟକ ସଦନ ନାୟକ, ଏଆଇସିସି ସଦସ୍ୟା ମନଷା ତ୍ରିପାଠୀ, ଜିଲା ଉପସଭାପତି ଦିଲ୍ଲୀପ କୁମାର ବେହେରା, ଜିଲା ସମ୍ପାଦକ ପ୍ରଦୀପ ସାହୁ, ନଗର ସଭାପତି ଉତମ ତ୍ରିପାଠୀ, କୁନା ପାଢୀ, ଚନ୍ଦ୍ର ମଲ୍ଲିକ, ଅବଦୁଲ ଫିରୋଜ, ଅର୍ଜୁନ ସମରଥ, ନନ୍ଦାହାଣ୍ଡି ବ୍ଲକ ସଭାପତି ବୃନ୍ଦା ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।




କଂଗ୍ରେସ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# 'ବୈଜ୍ଞାନିକ ହେବାକୁ ଉଦ୍ୟମ ଜାରି ରଖନ୍ତୁ'

## ବିଜ୍ଞାନ ଦିବସରେ ପ୍ରକଳ୍ପ ପ୍ରଦର୍ଶନ, ପ୍ରତିଯୋଗିତା

ପାରଳାଖେମୁଣ୍ଡି/ଗୋଷାଣୀ, ୨୮।୨(ସ୍ୱ.ପ୍ର./ଡି.ଏନ୍.ଏ.)

ଗଜପତି ଜିଲା ଗୋଷାଣୀ ବ୍ଲକ୍ ଅନ୍ତର୍ଗତ ଯାଜପୁର ସରକାରୀ ପ୍ରକଳ୍ପ ଉନ୍ନିତ ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଛି। ଏହି ଉପଲକ୍ଷେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମରେ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଭ୍ରାମ୍ୟମାଣ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଛାତ୍ରୀଛାତ୍ର ବିଜ୍ଞାନ ସମ୍ବନ୍ଧୀୟ ବିଭିନ୍ନ ଜ୍ଞାନ ଆହରଣ କରିଥିଲେ। ଏହି ଅବସରରେ ଏକ ସଚେତନତା ସଭା ମଧ୍ୟ ଅନୁଷ୍ଠିତ ହୋଇଥିଲା। ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ରଞ୍ଜିତା ପାଢ଼ୀ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି କାର୍ଯ୍ୟକ୍ରମର ଆଭିମୁଖ୍ୟ ବିଷୟରେ କହିଥିଲେ। ଜିଲା ବିଜ୍ଞାନ ନିରୀକ୍ଷକ ସାମ୍ରିକ କୁମାର ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରଛାତ୍ରୀମାନେ ବିଜ୍ଞାନ ଶିକ୍ଷାରେ ମନୋନିବେଶ କରି ବୈଜ୍ଞାନିକ ହେବା ପାଇଁ ଉଦ୍ୟମ ଜାରି ରଖିବାକୁ ଆହ୍ୱାନ କରାଯାଇଥିଲା। ଏଥିରେ କେରାଣ୍ଡି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ୱାଇ. ଦିଲେଶ୍ୱର ରାଓ, ସିଆର୍‌ସିସି ବି. ଭେଙ୍କଟରାବଣା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଫୁଲ୍ଲ ସ୍ୱାଇଁ ଉପସ୍ଥିତ ଥିଲେ। ଏଥିରେ ୫ ଗ୍ରାମ ଯଥା କେରାଣ୍ଡି, ବି. ସୀତାପୁର, ଜାନୀଗୁଡ଼ା, କତଲକଇଠାର ଶତାଧିକ ଛାତ୍ରୀଛାତ୍ର ଯୋଗଦେଇଥିଲେ।

ସେହିପରି ବ୍ଲକ୍‌ର ରମ୍ଭା ପଞ୍ଚାୟତ ଅନ୍ତର୍ଗତ ଲିଙ୍ଗିପୁର ଆଦର୍ଶ ବିଦ୍ୟାଳୟରେ ମଧ୍ୟ ବିଜ୍ଞାନ ଦିବସ ପାଳିତ ହୋଇଛି। ଏହି ଉପଲକ୍ଷେ ୬ଷ୍ଠରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ନେଇ ବକ୍ତୃତା ଏବଂ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୁଇଜ୍‌ରେ ନବମ ଶ୍ରେଣୀ ଛାତ୍ର ଭେଙ୍କଟ ରାଓ ପ୍ରଥମ ସ୍ଥାନ, ଅଷ୍ଟମ ଶ୍ରେଣୀ ଛାତ୍ରୀ ରୂପାଲି ନାୟକ ଦ୍ୱିତୀୟ ଏବଂ ନବମ ଶ୍ରେଣୀ ଛାତ୍ର ପି. ବିନୟ କୁମାର ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ବକ୍ତୃତାରେ ନବମ ଶ୍ରେଣୀ ଛାତ୍ରୀ ଭୂମିକା ଚୌଧୁରୀ ପ୍ରଥମ, ଦ୍ୱିତୀୟ ସ୍ଥାନରେ ଏ. ଜ୍ୟୋସ୍ନାରାଣୀ ଦ୍ୱିତୀୟ ଏବଂ ଷଷ୍ଠ ଶ୍ରେଣୀ ଛାତ୍ରୀ ଏ. ପାୱନି ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



ପିଲାମାନେ ଭ୍ରାମ୍ୟମାଣ ପ୍ରଦର୍ଶନୀ ବୁଲି ଦେଖୁଛନ୍ତି ।

# ମାଟ୍ରିକ୍ ନୋଡାଲ ସେଣ୍ଟରରେ ଅଗ୍ନିକାଣ୍ଡ

ସଜନାଗଡ଼, ୨୮।୨(ଡି.ଏନ୍.ଏ.)

ବାଲେଶ୍ୱର ଜିଲା ନୀଳଗିରି ବଜାରସ୍ଥିତ କୈଳାସ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ଗୁରୁବାର ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ମାଟ୍ରିକ ପରୀକ୍ଷା ଲାଗି ଉକ୍ତ ବିଦ୍ୟାଳୟକୁ ନୋଡାଲ ସେଣ୍ଟର କରାଯାଇଥିବା ବେଳେ ୧୧ଟି କେନ୍ଦ୍ର ଯଥା ନୀଳଗିରି ବ୍ଲକର ୯ ଏବଂ ଔପଦା ବ୍ଲକର ୨ଟି କେନ୍ଦ୍ରର ପ୍ରଶ୍ନପତ୍ର ଗଚ୍ଛିତ ଥିଲା।

# ନବରଙ୍ଗପୁର ଜିଲାକୁ ମିଳିବ ସ୍କଚ୍ ଆୱାର୍ଡ

ନବରଙ୍ଗପୁର,୨୮।୨ (ବି.ପ୍ର.)

ସ୍କୋଚ ଆୱାର୍ଡ ପାଇବା ପାଇଁ ନବରଙ୍ଗପୁର ଜାତୀୟ ସ୍ତରରେ ତୃତୀୟ ହୋଇଛି । ନୂଆଦିଲ୍ଲୀସ୍ଥିତ ସ୍କଚ ମିଡିଆ ଅନୁଷ୍ଠାନ ପକ୍ଷରୁ ସର୍ବଭାରତୀୟ ସ୍ତରରେ ଏହି ଘୋଷଣା କରାଯାଇଛି। ଏଥିରେ ଦେଶର ଶତାଧିକ ଜିଲା ଭାଗ ନେଇଥିଲେ। ଜିଲାରେ ସ୍ୱତନ୍ତ୍ର ଜନହୀତକର ଯୋଜନାକୁ ଲୋକମାନେ କେତେଦୂର ଗ୍ରହଣ କରୁଛନ୍ତି ତାହାକୁ ନେଇ ଇଣ୍ଟରନେଟରେ ପବ୍ଲିକ ଭୋଟ ନିଆଯାଇଥିଲା। ନବରଙ୍ଗପୁରରେ କାର୍ଯ୍ୟକାରୀ ହେଉଥିବା ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ଇଣ୍ଟରଭେନଶନ କାର୍ଯ୍ୟକ୍ରମ ସ୍ଥାନ ପାଇଥିଲା। ଏହି ପ୍ରତିଯୋଗୀତାରେ ନବରଙ୍ଗପୁରର କ୍ରମିକ ନଂ ୧୫ ଥିଲା। ଗୁରୁବାର ରାତି ୧୨ଟା ପର୍ଯ୍ୟନ୍ତ ଭୋଟିଂ ସମୟ ରହିଥିଲା। ଫଳାଫଳ ପ୍ରକାଶ ପାଇବା ପରେ ଆନ୍ଧ୍ରର ବିଜୟନଗରମ୍ ଜିଲା ସର୍ବାଧିକ ୨୩,୯୫୪ ଭୋଟ ପାଇଥିବାବେଳେ ଶ୍ରୀକାକୁଲମ ଜିଲା ୨୦,୦୯୦ ଓ ନବରଙ୍ଗପୁର ଜିଲାକୁ ୬୮୪୦ ଭୋଟ ମିଳିଥିଲା। ଉକ୍ତ ତିନୋଟି ଜିଲାକୁ ଜାତୀୟ ସ୍ତରରେ ପୁରସ୍କାର ମିଳିବ। ଓଡିଶାର ଏକମାତ୍ର ଜିଲାଭାବେ ନବରଙ୍ଗପୁର ମନୋନିତ ହୋଇଛି। ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁଥିବା ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ଜିଲାପାଳ ଡ.ଅଜିତ କୁମାର ମିଶ୍ର ଯୋଗଦେବେ। ଜିଲାରେ କାର୍ଯ୍ୟକାରୀ ହେଉଥିବା ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ଇଣ୍ଟରଭେନ୍‌ଶନ କାର୍ଯ୍ୟକ୍ରମ ସମ୍ପର୍କରେ ବକ୍ତୃତା ଦେବେ। ଏଥିସହ ଏକ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମରେ ସାମିଲ ହେବେ। ଏଥିରେ ଦେଶର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୫୦୦ରୁ ଅଧିକ ବୁଦ୍ଧିଜୀବୀ, ବୈଜ୍ଞାନିକ ଉପସ୍ଥିତ ରହିବେ। ଏହାପରେ ପୁରସ୍କାର ଦିଆଯିବ ବୋଲି ସୂଚନା ମିଳିଛି।

# ଡକାୟତ ଗ୍ୟାଙ୍ଗର ୪ ଗିରଫ

## ବିଭିନ୍ନ ଥାନାରେ ରହିଛି ୨୦ରୁ ଊର୍ଦ୍ଧ୍ୱ ମାମଲା

ନବରଙ୍ଗପୁର,୨୮।୨(ବି.ପ୍ର.)

ଏକ ଲୁଟ ଘଟଣାରେ ନବରଙ୍ଗପୁର ପୋଲିସ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପଠାଣଗୁଡା ଗାଁର ଅରୁଣ ହରିଜନ, ବାଦିଗୁଡା ଗାଁର ଦେବେନ୍ଦ୍ର ମାଝି, ନୂଆଗାଁର ସୁନୀଲ ହରିଜନ ଓ ସରୁଗୁଡା ଗାଁର ମଧୁ ଗୌଡ। ଅଭିଯୁକ୍ତମାନେ ବିଭିନ୍ନ ଲୁଟ୍ ଓ ଡକାୟତି ଘଟଣାରେ ସମ୍ପୃକ୍ତ ଥିବାବେଳେ ସେମାନଙ୍କ ନାଁରେ ବିଭିନ୍ନ ଥାନାରେ ୨୦ରୁ ଊର୍ଦ୍ଧ୍ୱ ମାମଲା ରହିଥିବା ନେଇ ପୋଲିସ ସୂଚନା ଦେଇଛି।

ପ୍ରକାଶ ଯେ, ଭାରତ ଫାଇନାନ୍ସ କମ୍ପାନୀ କର୍ମଚାରୀ ମୋହନ ସଗରିଆ ୨୦୧୯ ନଭେମ୍ବର ୩୦ ତାରିଖ ସନ୍ଧ୍ୟାରେ କଲେକ୍ସନ କରି ଫେରୁଥିବା ବେଳେ ଅଭିଯୁକ୍ତମାନେ ଜାମ୍ବଗୁଡା ଗାଁ ନିକଟରେ ମାରଣାସ୍ତ୍ର ଦେଖାଇ ଟଙ୍କା ବ୍ୟାଗ ଓ ବାଇକ ଲୁଟ କରି ନେଇଥିଲେ। ଏ ନେଇ ମୋହନ ନବରଙ୍ଗପୁର ଥାନାରେ ଏତଲା ଦେଇଥିଲେ। ପୋଲିସ ୨୯୫/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ଗତ ୨୪ ତାରିଖ ଦିନ ସ୍ୱତନ୍ତ୍ର ସ୍କ୍ୱାର୍ଡ ବିଭିନ୍ନ ସ୍ଥାନରୁ ଅଭିଯୁକ୍ତମାନଙ୍କୁ ଗିରଫ କରି ସେମାନଙ୍କଠାରୁ ଲୁଟ ବାଇକ(ଓଡି-୧୦ଏମ୍-୬୨୭୪) ଜବତ କରଥିଲା। ଏଥିସହ ସେମାନଙ୍କ ପାଖରୁ ଏକ ବଡ ଛୁରୀ, ଡେମୋ ପିସ୍ତଲ ପୋଲିସ ଜବତ କରିଛି। ଏହିଘଟଣାରେ ସାମିଲ ଅନ୍ୟ ଅଭିଯୁକ୍ତମାନେ ଫେରାର ଅଛନ୍ତି। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ଅରୁଣଙ୍କୁ ଅନ୍ୟ ଏକ ଲୁଟ୍ କେଶରେ ପୂର୍ବରୁ ପାପଡାଡାଣ୍ଡି ଥାନା ପୋଲିସ ଗିରଫ କରିଥିଲା। କିନ୍ତୁ ସେ ଥାନାରୁ ଫେରାର ହୋଇଯାଇଥିଲେ। ଅଭିଯୁକ୍ତମାନେ କୋଡିଙ୍ଗାରେ ଜଣେ ବ୍ୟକ୍ତିଙ୍କୁ ଛୁରୀମାରି ବାଇକ ଲୁଟ୍, ତେନ୍ତୁଳିଖୁଣ୍ଟି ଥାନା ଅଧିନ ନରସିଂଗୁଡା ଗାଁ ନିକଟରେ ଏକ ଫାଇନାନ୍ସ କମ୍ପାନୀର କର୍ମଚାରୀଙ୍କ ଠାରୁ ୨ ଲକ୍ଷ ଟଙ୍କା ଲୁଟ ଭଳି ଘଟଣାରେ ସମ୍ପୃକ୍ତ ଅଛନ୍ତି। କୋରାପୁଟ ଜିଲା ବିସିଙ୍ଗପୁର, କୋଟପାଡ ଥାନା, ନବରଙ୍ଗପୁର, କୋଡିଙ୍ଗା, କୋଷାଗୁମୁଡା, ପାପଡାଡାଣ୍ଡି ଥାନାରେ ଏମାନଙ୍କ ନାଁରେ ଅନେକ ମାମଲା ରହିଛି। ନବରଙ୍ଗପୁର ଥାନା ଏସ୍‌ଆଇ ନବରାଧାକାନ୍ତ ବାରିକ ତଦନ୍ତ କରୁଛନ୍ତି।

# ନାଟକ, ନାଚଗୀତରେ ସଚେତନତା ବାର୍ତ୍ତା

## ବ୍ଲକସ୍ତରୀୟ ସମ୍ପର୍କ ଶିବିର

କୋଷାଗୁମୁଡା, ୨୮।୨ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ ସନ୍ତୋଷପୁର ଖେଳପଡିଆରେ ଶୁକ୍ରବାର ବ୍ଲକସ୍ତରୀୟ ସମ୍ପର୍କ ଶିବିର ଅନୁଷ୍ଠିତ ହୋଇଛି। ଏହି ଅବସରରେ କୃଷି ବିଭାଗ ପକ୍ଷରୁ ଶିଶୁ ପ୍ରକଳ୍ପ ଏବଂ ସ୍ୱାସ୍ଥ୍ୟ ବିଭାଗ ତରଫରୁ ବିଭିନ୍ନ ଷ୍ଟଲ୍ ଖୋଲାଯାଇଥିଲା। ଦେଶୀଆ ନାଟକ, ନାଚ ଓ ଗୀତରେ ମଦ ବିରୋଧୀ ବାର୍ତ୍ତା ପ୍ରଚାର କରାଯାଇଥିଲା। ଗୁରୁଗୁଣ୍ଡା ସେବାଶ୍ରମ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସ୍ୱଚ୍ଛ ଭାରତ, ପିଲାଏ ସ୍କୁଲ ଯିବା, ପରିମଳ ସଚେତନତା ବାର୍ତ୍ତା ନାଚ ମାଧ୍ୟମରେ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଜିଲାପାଳ ଡ. ଅଜିତ୍ କୁମାର ମିଶ୍ର, ବ୍ଲକ ଅଧକ୍ଷା ଗୀତାମଣି ସମରଥ, ଉପାଧକ୍ଷ ପଦମ ସାଏ ମାଳୀ, ଏମ୍‌ପି ପ୍ରତିନିଧି ଯୋଗେନ୍ଦ୍ର ସ୍ୱାଇଁ, ଜିଲା ପରିଷଦ ସଭ୍ୟ ଯୁଗଧର ହରିଜନ, ବଳି ଭିତ୍ରା, କାମିନୀ ହରିଜନ ଏବଂ ବିଡିଓ ସତ୍ୟ ନାରାୟଣ ମେହେରଙ୍କ ସହ ଜିପିଇଓ ଏବଂ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।



ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ଧରିତ୍ରୀ
DHARITRI
ରାୟଗଡ଼ା, ଶନିବାର, ୨୯ ଫେବୃୟାରୀ , ୨୦୨୦



ଯେଉଁ ଲୋକ ସତ୍ୟର ଅନୁସନ୍ଧାନୀ, ସେ କୌଣସି ନିର୍ଦ୍ଦିଷ୍ଟ ଦେଶର ନାଗରିକ ବୋଲି ବିଚାରେ ନାହିଁ।
-ଭଲ୍‌ଟାୟାର



## ସଂକ୍ଷେପରେ

### ଜୟପୁର ସାମ୍ବାଦିକ ସଂଘ ଗଠିତ

ଜୟପୁର,୨୮।୨(ନି.ପ୍ର.): ଜୟପୁର ସାମ୍ବାଦିକ ସଂଘ ଗଠିତ ହୋଇଛି । ଏନେଇ ଶୁକ୍ରବାର ଏକ ସ୍ଥାନୀୟ ହୋଟଲରେ କାର୍ଯ୍ୟରତ ସାମ୍ବାଦିକଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସମସ୍ତ ସାମ୍ବାଦିକଙ୍କ ନିଷ୍ପତ୍ତି କ୍ରମେ ସଭାପତି ଭାବେ ବସନ୍ତ ବିଶ୍ୱାଳ, କାର୍ଯ୍ୟକାରୀ ସଭାପତି ରବି ନାୟକ, ସମ୍ପାଦକ ସତ୍ୟ ପଟ୍ଟନାୟକ, ସାଧାରଣ ସମ୍ପାଦକ ଗୌରୀ ପ୍ରସାଦ ପଟ୍ଟନାୟକ, ଉପସଭାପତି ଭାବେ ଟି. ଗୌରୀଶଙ୍କର, ପଦ୍ମନାଭ ହୋତା, ଯୁଗ୍ମ ସମ୍ପାଦକ ସୁରେଶ ନାଇଡୁ, ରମେଶ ସାହୁ, କୋଷାଧ୍ୟକ୍ଷ ତରୁଣ ମହାପାତ୍ର, ଉପଦେଷ୍ଟା ଭାସ୍କର ରାଓ, ରାଜେନ୍ଦ୍ର ଗୌଡ଼, ସୁକାନ୍ତ ବେହେରା, ଜଗତ ରଞ୍ଜନ ପାଣିଗ୍ରାହୀ, କଲ୍ୟାଣ ପାଣି ଅଧକ୍ଷ ଭାବେ ପବନ ପାଣିଗ୍ରାହୀ, କାର୍ଯ୍ୟକାରିଣୀ ସଭ୍ୟ ସୁପ୍ରୀତ ପୂଜାରୀ, ସୁମନ୍ତ ସାହୁ, ଶ୍ରୀକାନ୍ତ ସାହୁ, ସଞ୍ଜୀବ ଦଳେଇ, ମଧୁସ୍ମିତା ମିଶ୍ର, କିରଣ ରଞ୍ଜନ ଦାସ, ମନୋଜ ଦାଶଙ୍କୁ ଚୟନ କରାଯାଇଛି। ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଦେବୀ ପ୍ରସାଦ ମହାନ୍ତି, ହୃଷିକେଷ ମିଶ୍ର, କେ. ଶ୍ରୀନିବାସ, ସୌମ୍ୟ ରଞ୍ଜନ ସାହୁ, ନିଶାନ ପଟ୍ଟନାୟକ, ପ୍ରଶାନ୍ତ ବିଷୋୟୀ, ନୃସିଂହ ଚୌଧୁରୀ, ରାଜା ସେନା ଉପସ୍ଥିତ ଥିଲେ।

### ସରସ୍ୱତୀ ବିଦ୍ୟାମନ୍ଦିରରେ ବିଜ୍ଞାନ ଦିବସ



ଦାମନଯୋଡ଼ି,୨୮।୨(ଡି.ଏନ୍.ଏ.): ନାଲ୍‌କୋ ଟାଉନଶିପ ସରସ୍ୱତୀ ବିଦ୍ୟାମନ୍ଦିରରେ ନୋବେଲ ପୁରସ୍କାରପ୍ରାପ୍ତ ବୈଜ୍ଞାନିକ ଚନ୍ଦ୍ରଶେଖର ଭେଙ୍କଟରମଣଙ୍କ ଜୟନ୍ତୀ ତଥା ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଛି । ଏଥିରେ ଜୟପୁର ଏମ୍‌ଏସ୍ ଫାଉଣ୍ଡେଶନ ବିଜ୍ଞାନ ଓ ଗବେଷଣା କେନ୍ଦ୍ରର ବୈଜ୍ଞାନିକ ଡ. କାର୍ତ୍ତିକ ଚରଣ ଲେଙ୍କା ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ବିଦ୍ୟାମନ୍ଦିର ଅଧକ୍ଷ ଡ. ଶୁଭ୍ରାଂଶୁ ଶେଖର ବାହିନୀପତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବରିଷ୍ଠ ଶିକ୍ଷୟିତ୍ରୀ ସୁଷମା ମହାନ୍ତି ଓ ମୁଖ୍ୟ ଅତିଥି ପ୍ରମୁଖ ଡ. ଚନ୍ଦ୍ରଶେଖର ଭେଙ୍କଟରମଣ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଛାତ୍ରୀ ଶୁଭଶ୍ରୀ ନାୟକ ଓ ଆଚାର୍ଯ୍ୟ ଦେବେନ୍ଦ୍ର ସାହୁ ଦିବସ ଉପରେ ଆଲୋକପାତ କରିଥିଲେ । ମୁଖ୍ୟ ଅତିଥି ବୈଜ୍ଞାନିକ ଡ. ଲେଙ୍କା ବିଜ୍ଞାନ କ୍ଷେତ୍ରରେ ମହିଳାଙ୍କ ଅବଦାନ ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଜ୍ଞାନ ସମ୍ବନ୍ଧୀୟ ପ୍ରବନ୍ଧ ପ୍ରତିଯୋଗିତା ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ବରିଷ୍ଠ ବିଜ୍ଞାନ ଶିକ୍ଷୟିତ୍ରୀ ଭାରତୀ ସାହୁ ମଞ୍ଚ ସଂଯୋଜନା କରିଥିବା ବେଳେ ବରିଷ୍ଠ ବିଜ୍ଞାନ ଶିକ୍ଷକ ବସନ୍ତ କୁମାର ଦାସ ମୁଖ୍ୟ ଆୟୋଜକ ଥିଲେ । ପ୍ରାରମ୍ଭରେ ଶିକ୍ଷକ ବୃନ୍ଦାବନ ଖଣ୍ଡୁଆଳଙ୍କ ନିର୍ଦ୍ଦେଶରେ ଛାତ୍ରୀଛାତ୍ର ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ଶିକ୍ଷୟିତ୍ରୀ କଲ୍ୟାଣୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲାପାଳଙ୍କ କାର୍ଯ୍ୟାଳୟ ଘେରିଲା କଂଗ୍ରେସ

**କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ଇସ୍ତଫା ଦାବି**

କୋରାପୁଟ/ଜୟପୁର, ୨୮।୨(ସ୍ୱ.ପ୍ର./ଡି.ଏନ୍.ଏ.)

ଦିଲ୍ଲୀରେ ହୋଇଥିବା ଦଙ୍ଗା ପାଇଁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ଦାୟୀ କରିବା ସହ ଏଥିପାଇଁ ତାଙ୍କର ଇସ୍ତଫା ଦାବି କରିଛି କଂଗ୍ରେସ। ଦଳ ପକ୍ଷରୁ ଦେଶବ୍ୟାପୀ ବିରୋଧ ପ୍ରଦର୍ଶନ କରାଯାଇଛି। ଏଆଇସିସି ନିର୍ଦ୍ଦେଶ ଅନୁଯାୟୀ, କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲା କଂଗ୍ରେସ ପକ୍ଷରୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହାଙ୍କ କୁଶପୁତ୍ତଳିକା ଦାହ ସହ ଧାରଣା ଦିଆଯାଇଥିଲା। ପୂର୍ବାହ୍ନରେ ଗୁଣ୍ଡିଚା ମନ୍ଦିର ଛକରୁ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ନେତୃତ୍ୱରେ ଦଳୀୟ



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଛନ୍ତି କଂଗ୍ରେସ ନେତା ଓ କର୍ମୀ ।

କର୍ମୀମାନେ ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଧାରଣା ଦେଇଥିଲେ। ଏହି ଅବସରରେ ବିଧାୟକ ବାହିନୀପତି କେନ୍ଦ୍ର ଭାଜପା ସରକାର ଦେଶରେ ସାମ୍ପ୍ରଦାୟିକ ଦଙ୍ଗାକୁ ଉସକାଇବା ସହ ଅଶାନ୍ତି ସୃଷ୍ଟି କରୁଛନ୍ତି, ଏଥିପାଇଁ ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଦାୟୀ ବୋଲି ଅଭିଯୋଗ କରିଥିଲା କଂଗ୍ରେସ। ଦେଶର ରାଜଧାନୀରେ ଯେଉଁଭଳି ଦଙ୍ଗା ହେଲା, ଏହା ଅନ୍ତର୍ଜାତୀୟ ସ୍ତରରେ ଦେଶକୁ ବଦନାମ କରିଛି ବୋଲି କଂଗ୍ରେସ ନେତାମାନେ କହିଥିଲେ। ଶେଷରେ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯିବା ସହ ତାଙ୍କ ଇସ୍ତଫା ଦାବି ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ରାମଚନ୍ଦ୍ର କାଡାମ, ନିମାଇ ସରକାର, ଭଗବାନ ବାହିନୀପତି, କୃଷ୍ଣ କୁଲଦୀପ, ରୂପକ ତୁରୁକ, ରାମଚନ୍ଦ୍ର ପାଢ଼ୀ, ନରେନ୍ଦ୍ର ମହାନ୍ତି, ନିହାର ବିଶୋୟୀ ଉପସ୍ଥିତ ଥିଲେ।

# ଜୁଆ ଆଡ୍ଡାରେ ଚଢ଼ାଉ, ୩ ଗିରଫ

■ ଟଙ୍କା, କାର୍, ବାଇକ ଜବତ

କୋରାପୁଟ,୨୮।୨(ସ୍ୱ.ପ୍ର.)

କୋରାପୁଟ ସଦରଥାନା ପକ୍ଷରୁ ଶୁକ୍ରବାର ପୂର୍ବାହ୍ନରେ ଏକ ଜୁଆ ଆଡ୍ଡା ଉପରେ ଚଢ଼ାଉ କରାଯାଇ ୩ ଜଣ ଜୁଆଡ଼ିଙ୍କୁ ଗିରଫ କରାଯାଇଛି। ଟଙ୍କା, କାର ଓ ୬ଟି ବାଇକ ଜବତ ହୋଇଛି। ସୂଚନା ଅନୁଯାୟୀ ସ୍ଥାନୀୟ ଖୋଡିଗୁଡ଼ା ନିକଟସ୍ଥ ଏକ ଜଙ୍ଗଲରେ ଚାଲିଥିବା ଏହି ଜୁଆଆଡ୍ଡା ସମ୍ପର୍କରେ ଖବର ପାଇ ତାଲିମପ୍ରାପ୍ତ ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀଙ୍କ ନେତୃତ୍ୱରେ ଡିଭିଏଫ୍ ପୋଲିସ ଦଳ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଏଥିରେ ୮୦ ହଜାର ୨୭୦ ଟଙ୍କା, ଜୁଆଡ଼ିଙ୍କ ବ୍ୟବହୃତ ଏକ କାର ଓ ୬ଟି ବାଇକ ଜବତ ହୋଇଥିଲା। ୫ରୁ ଅଧିକ ଜୁଆଡ଼ି ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଏନେଇ ପୋଲିସ ଏକ ମାମଲା ରୁଜୁ କରିବା ସହ ୩ ଜୁଆଡ଼ିଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ସମର୍ପିତା ସ୍ୱାଇଁ ପ୍ରକାଶ କରିଛନ୍ତି।




ଗିରଫ ହୋଇଥିବା ଜୁଆଡିମାନେ ।

# କେନ୍ଦ୍ରରେ ଲାଗିନି ସିସିଟିଭି କି କାନ୍ଥଘଣ୍ଟା

**ମାଟ୍ରିକ ପରୀକ୍ଷା**

ବୈପାରୀଗୁଡ଼ା,୨୮।୨(ଡି.ଏନ୍.ଏ.)

ଚଳିତ ବର୍ଷ ହାଇସ୍କୁଲ ପରୀକ୍ଷା କେନ୍ଦ୍ରଗୁଡ଼ିକରେ ସିସିଟିଭି ଲାଗିବାର ନିର୍ଦ୍ଦେଶ ଥିଲେ ମଧ୍ୟ ସ୍ଥାନୀୟ ବୈପାରୀଗୁଡ଼ା ହାଇସ୍କୁଲ ପରୀକ୍ଷାକେନ୍ଦ୍ରରେ ତାହା ଲଗାଯାଇ ନାହିଁ। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ପରୀକ୍ଷା ହଲ୍‌ରେ ପରୀକ୍ଷାର୍ଥୀଙ୍କୁ ସମୟ ସମ୍ପର୍କରେ ଅବଗତ ହେବା ପାଇଁ କାନ୍ଥ ଘଣ୍ଟା ସୁବିଧା ରହିବା କଥା। କିନ୍ତୁ ଅନେକ ହଲ୍‌ରେ ସେ ସୁବିଧା ନାହିଁ। ଉଲ୍ଲେଖଯୋଗ୍ୟ, ପରୀକ୍ଷାର୍ଥୀମାନେ ହଲ ଭିତରକୁ କୌଣସି ଇଲେକଟ୍ରୋନିକ ଉପକରଣ ନେବା ପାଇଁ କଟକଣା ରଖାଯାଇଛି। ଫଳରେ ପରୀକ୍ଷା ବେଳେ ସମୟ ଜଣାପଡୁ ନ ଥିବାରୁ ପରୀକ୍ଷାର୍ଥୀଙ୍କୁ ନିର୍ଦ୍ଧାରିତ ସମୟ ସହ ତାଳ ଦେଇ ଲେଖିବା କଷ୍ଟକର ହୋଇପଡୁଛି। ଅନେକ ପ୍ରଶ୍ନର ଉତ୍ତର ବୁଝୁଥିଲେ ମଧ୍ୟ ସମୟ ଧାରଣା ମିଳିପାରୁ ନ ଥିବାରୁ ସେମାନେ ପ୍ରଶ୍ନ ଛାଡ଼ିବାକୁ ବାଧ ହେଉଛନ୍ତି। ଏ ସମ୍ପର୍କରେ ପରୀକ୍ଷା ସୁପରିଣ୍ଟେଣ୍ଡେଣ୍ଟ ତଥା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁର୍ଜୁତ ସାମଲଙ୍କୁ ପଚାରିବାରୁ ସେ କହିଥିଲେ, ୧୪ଟି ହଲ୍ ମଧ୍ୟରୁ ୫ଟି ହଲ୍‌ରେ କାନ୍ଥ ଘଣ୍ଟା ଲାଗିନାହିଁ। ପରୀକ୍ଷା କଣ୍ଟିନଜେନ୍ସି ବାବଦକୁ ମାତ୍ର ୨୫୦ ଟଙ୍କା ଆସୁଥିବାରୁ କାନ୍ଥ ଘଣ୍ଟା ପାଇଁ ଅର୍ଥ ନିଅଣ୍ଟ ହେଉଥିବା ସେ କହିଛନ୍ତି।

# ରୋଗ କଷ୍ଟ ସହି ନ ପାରି ଯୁବକଙ୍କ ଆତ୍ମହତ୍ୟା

ଭଞ୍ଜନଗର,୨୮।୨(ଡି.ଏନ.ଏ)

ଭଞ୍ଜନଗର ସହରତଳି ବାଉଁଶଲୁଣ୍ଡିର ବିନୟ ନାୟକ (୩୩) ଶୁକ୍ରବାର ନିଜ ଘରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଭଞ୍ଜନଗର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ହସ୍‌ପିଟାଲକୁ ପଠାଇଦେଇଛି। ଏନେଇ ପୋଲିସ ନଂ.୧/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ଅଧିକ ତଦନ୍ତ ଚଳାଇଛି। ପ୍ରକାଶ ଯେ, ବିନୟ ଚେନ୍ନାଇରେ କାମ କରୁଥିଲେ। ଦୁଇଦିନ ପୂର୍ବେ ସେ ଗ୍ରାମକୁ ଫେରିଥିଲେ। ବିନୟଙ୍କୁ କର୍କଟ ରୋଗ ହୋଇଥିବାରୁ ସେ ଭାଙ୍ଗି ପଡିଥିଲେ। ତେଣୁ ଶୁକ୍ରବାର ଘରେ କେହି ନ ଥିବାବେଳେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ପୋଲିସ ସୂଚନା ପାଇ ଘଟଣାସ୍ଥଳରେ ପହଞ୍ଚି କବାଟ ଭାଙ୍ଗି ମୃତଦେହ ଉଦ୍ଧାର କରିଥିଲା। ରୋଗଗ୍ରସ୍ତ ଯୋଗୁ ବିନୟ ଆତ୍ମହତ୍ୟା କରିଛନ୍ତି ବୋଲି ଥାନା ଅଧିକାରୀ ସୁଦୀପ୍ତ ସାହୁ ଏଠାରେ ସୂଚନା ଦେଇଛନ୍ତି।

# କଲଭର୍ଟ ନିର୍ମାଣ ପାଇଁ ମିଳିଲା ଅନୁଦାନ

**ଧରିତ୍ରୀ ପ୍ରଭାବ**

ଦଶମନ୍ତପୁର,୨୮।୨(ଡି.ଏନ୍.ଏ.)

ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ପରଜା ବେଡ଼ାପଦର ପଞ୍ଚାୟତ ଅଧୀନରେ ଥିବା ଭଞ୍ଜାଗୁଡ଼ାରୁ ଡାଲିଗୁଡ଼ା ଗ୍ରାମ ମଝିରେ ଅଟକି ରହିଥିବା କଲଭର୍ଟ ନିର୍ମାଣ ପାଇଁ ପ୍ରଶାସନ ଅନୁଦାନ ଦେଇଛି। ଆର୍‌ଡ଼ି ଛକରୁ ଭଞ୍ଜାଗୁଡ଼ା ଗ୍ରାମକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତା ଶୋଚନୀୟ ଥିବାରୁ ୨ ଖଣ୍ଡ ଗ୍ରାମର ଲୋକେ ବାଧହୋଇ ସର୍ଟକଟ୍ ଠେଲଗୁଡ଼ା ଗ୍ରାମର ଛକକୁ ନିର୍ଭର କରିଆସୁଥିଲେ। ଦୁଇ ସାହି ମଝିରେ ଥିବା ଝୁରୁଡ଼ି ଝୋଲା ଓ ଭଞ୍ଜାଗୁଡ଼ାରୁ ଡାଲିଗୁଡ଼ା ଗ୍ରାମକୁ ସଂଯୋଗ କରୁଥିବା ଦୁଇଟି କଲଭର୍ଟ ଦୀର୍ଘ ୩ ବର୍ଷ ହେବ ଅଧାପନ୍ତରିଆ ପଡ଼ିଛି। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗୁଥିଲେ। ଏ ନେଇ 'ଧରିତ୍ରୀ'ରେ ଖବର ପ୍ରକାଶ ପାଇଥିଲା। ଏହି ଖବରକୁ ନେଇ ସାମାଜିକ କର୍ମୀ ଦୀପା ବାରିକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଟୁଇଟ୍ ଯୋଗେ ଦୃଷ୍ଟି ଆକର୍ଷଣ କରିଥିଲେ। ଫଳରେ ଭଞ୍ଜାଗୁଡ଼ାରୁ ଡାଲିଗୁଡ଼ା ମଝିରେ ଥିବା କଲଭର୍ଟ ନୂତନ ଭାବେ ନିର୍ମାଣ କରାଯିବା ପାଇଁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ବ୍ଲକ ପ୍ରଶାସନ ପକ୍ଷରୁ ୫ ଲକ୍ଷ ଅନୁଦାନ ଆସିଥିବା ବିଡିଓ ଡମ୍ବରୁଧର ମଲ୍ଲିକ ସୂଚନା ଦେଇଛନ୍ତି। ଅଟକି ରହିଥିବା ଅଧାରେ ପଡ଼ିରହିଥିବା କଲଭର୍ଟର ନିର୍ମାଣ କାର୍ଯ୍ୟାଦେଶ ଉକ୍ତ ଗ୍ରାମର ଅଭିରାମ ନାୟକ ପାଇଥିଲେ।

# ଡିପିଏସ୍‌ରେ କ୍ରୀଡ଼ା ପ୍ରଶିକ୍ଷଣ ଶିବିର

ଦାମନଯୋଡ଼ି,୨୮।୨(ଡି.ଏନ୍.ଏ.):

ସ୍ଥାନୀୟ ଦିଲ୍ଲୀ ପବ୍ଲିକ୍ ସ୍କୁଲରେ ଫେବୃୟାରୀ ୧୪ରୁ ଚାଲିଥିବା ୧୫ ଦିନିଆ କ୍ରୀଡ଼ା ପ୍ରଶିକ୍ଷଣ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଛି। କ୍ରିକେଟ୍, ଫୁଟବଲ, ବାସ୍କେଟ୍‌ବଲ ଓ ଟେବୁଲଟେନିସରେ ମୋଟ ୧୦୫ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିବା ବେଳେ ଉଦ୍‌ଯାପନୀ ଉତ୍ସବରେ ସମସ୍ତଙ୍କୁ ପ୍ରମାଣପତ୍ର ପ୍ରଦାନ ସହ କୋଚ୍‌ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି କ୍ରିକେଟ୍‌ରେ ୩୭ ଜଣ ଅଂଶଗ୍ରହଣକାରୀଙ୍କ ମଧ୍ୟରେ ୪ର୍ଥ ଶ୍ରେଣୀ ଛାତ୍ରୀ ପ୍ରାପ୍ତି ପଟ୍ଟନାୟକ ଏକମାତ୍ର ବାଳିକା ଭାବେ ଅଂଶଗ୍ରହଣ କରିଥିଲେ। ତାଙ୍କୁ ମଧ ଏଥିରେ ସମ୍ବର୍ଦ୍ଧନା ଦିଆଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ନାଲ୍‌କୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଇଡି) ରବିଶଙ୍କର ଦାସ ମୁଖ୍ୟ ଅତିଥି ଏବଂ ମହାପ୍ରବନ୍ଧକ ଆର.ଏନ୍. ଉପାଧ୍ୟାୟ ଓ ବି.କେ. ଦାଶ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବା ସହ ପ୍ରମାଣପତ୍ର ପ୍ରଦାନ କରିଥିଲେ। ସ୍କୁଲ ଅଧକ୍ଷା ଦୀପାନ୍ୱିତା ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷୟିତ୍ରୀ ସୁଜାତା ପାଣି ବିବରଣୀ ପାଠ କରିଥିଲେ। ଶାରୀରିକ ଶିକ୍ଷା ପ୍ରଶିକ୍ଷକ ନବ କିଶୋର ପଣ୍ଡା ଓ ଶିକ୍ଷୟିତ୍ରୀ ଅଞ୍ଜନା ମହାପାତ୍ର ପରିଚାଳନାରେ ସହଯୋଗ କରିଥିଲେ । କ୍ରିକେଟ୍ କୋଚ୍ ଅସିତ୍ ପଟ୍ଟନାୟକ, ଫୁଟବଲ କୋଚ୍ ସରୋଜ ମହାରଣା, ବାସ୍କେଟ୍‌ବଲ କୋଚ୍ ଚିରଞ୍ଜିତ୍ କରଣ ଓ ଟେବୁଲ ଟେନିସ୍ କୋଚ ତୋହିଦ ହକ୍ ଉପସ୍ଥିତ ଥିଲେ।




ଦାମନଯୋଡ଼ିସ୍ଥିତ ଡିପିଏସ୍‌ରେ ପ୍ରଶିକ୍ଷଣ ଶିବିରରେ ଭାଗନେଇଥିବା ଛାତ୍ରମାନେ ।

# ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

ହିଞ୍ଜିଳିକାଟୁ/ଦିଗପହଣ୍ଡି/ପାଟପୁର, ୨୮।୨(ଡି.ଏନ୍.ଏ.)

ଭୋଜିରେ ଯୋଗ ଦେବା ମହଙ୍ଗା ପଡିଛି ଏକ ପରିବାରକୁ। ଭୋଜି ଖାଇବାକୁ ଯାଇଥିବାବେଳେ ଘରେ ଚୋର ପଶି କଳାକନା ବୁଲାଇଛନ୍ତି। ଏନେଇ ଥାନାରେ ଅଭିଯୋଗ ପରେ ନଂ.୬୫/୨୦ରେ ମାମଲା ରୁଜୁ କରି ପୋଲିସ ପହଞ୍ଚି ତଦନ୍ତ ଚଳାଇଛି। ପ୍ରକାଶ ଯେ, ହିଞ୍ଜିଳି ଥାନା ଆଡପଡା ଗ୍ରାମ ଫାଣ୍ଡି ନିକଟ ଦୁର୍ଯ୍ୟୋଧନ ମହାଙ୍କୁଡଙ୍କ ଘର କବାଟ ଭାଙ୍ଗି ଦୁର୍ବୃତ୍ତ ଗୁରୁବାର ରାତିରେ ଚୋରି କରିଛନ୍ତି। ନଗଦ ପ୍ରାୟ ୩୦ହଜାର ଟଙ୍କା, ସୁନା ଓ ରୂପା ଅଳଙ୍କାର ସହ ଶାଢ଼ୀ ଇତ୍ୟାଦି ଚୋରି ହୋଇଛି। ଏନେଇ ଦୁର୍ଯ୍ୟୋଧନ ଶୁକ୍ରବାର ଥାନାରେ ଅଭିଯୋଗ କରିଥିଲେ। ଆଡପଡା ଗ୍ରାମରେ ପୂର୍ବରୁ ୨ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଥିବା ଓ ଗ୍ରାମରେ ଉତ୍ତେଜନା ଥିବାରୁ ସେଠାରେ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ଅଛନ୍ତି। ଚୋରି ଯାଇଥିବା ଘରଟି ଫାଣ୍ଡିର ଅତି ନିକଟରେ ହୋଇଥିବାବେଳେ ପୋଲିସ କୌଣସି ଟେର୍ ନ ପାଇବା ସ୍ଥାନୀୟଲୋକଙ୍କୁ ଆଶ୍ଚର୍ଯ୍ୟ କରିଛି। ପ୍ରକାଶ ଯେ, ଦୁର୍ଯ୍ୟୋଧନ ସମ୍ପର୍କୀୟଙ୍କ ଭୋଜି ପାଇଁ ଘରେ ତାଲା ପକାଇ ଗୁରୁବାର ଯାଇଥିଲେ। ଶୁକ୍ରବାର ଫେରି ଚୋରି ସମ୍ପର୍କରେ ଜାଣିଥିଲେ।

# ଦାବିର ୨ ମାସ ପରେ ଖୋଲିଲା କ୍ୟାଣ୍ଟିନ

ଜୟପୁର,୨୮।୨(ଡି.ଏନ୍.ଏ.)



କୋରାପୁଟ ଜିଲା ଜୟପୁର ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ କ୍ୟାଣ୍ଟିନ ଉଦ୍‌ଘାଟିତ ହୋଇଛି। ଦୀର୍ଘ ବର୍ଷ ଧରି ଛାତ୍ରୀଛାତ୍ରମାନେ ଦାବି କରୁଥିଲେ ସୁଦ୍ଧା ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଏଥିପ୍ରତି ଅଣଦେଖା କରୁଥିଲେ। ଏହିପରି ଗତ ଡିସେମ୍ବର ୧୭ରେ ଜିଲା ଯୁବଛାତ୍ର ସଂଗଠନ ପକ୍ଷରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କ୍ୟାଣ୍ଟିନ, ପୁରାତନ ଏବଂ ନୂତନ ଭବନକୁ ସଂଯୋଗ ନିମନ୍ତେ ଜାତୀୟ ରାଜପଥ ଉପରେ ଏକ ଫ୍ଲାଇଓଭର ବ୍ରିଜ ତୁରନ୍ତ ନିର୍ମାଣ ନିମନ୍ତେ ଦାବି ନେଇ ଧାରଣା ଦେଇଥିଲେ। କ୍ୟାଣ୍ଟିନ ନେଇ ଉକ୍ତ ସପ୍ତାହରେ ଟେଣ୍ଡର ପ୍ରକ୍ରିୟା କରାଯାଇଥିଲା। କିନ୍ତୁ ଦୀର୍ଘ ୨ ମାସ ପରେ କ୍ୟାଣ୍ଟିନ ଉଦ୍‌ଘାଟିତ ହୋଇପାରିଛି। ବିଦ୍ୟାଳୟର ଅଧକ୍ଷା, ଅଧାପିକା ଓ ଅଧାପକ ଏବଂ ଛାତ୍ରୀଛାତ୍ରଙ୍କ ଉପସ୍ଥିତିରେ ଏହାର ଉଦ୍‌ଘାଟନ ହୋଇଛି।

# ତାଲା ଭାଙ୍ଗି ଲୁଟ୍ ମାମଲା, ୩ ଗିରଫ

ଆସିକା,୨୮।୨(ଡି.ଏନ୍.ଏ.)

ଆସିକା ଏନ୍‌ଏସି ତାଲୁକା ରୋଡରେ ଏକ ଘରୁ ମଙ୍ଗଳବାର ବିଳମ୍ବିତ ରାତିରେ ତାଲା ଭାଙ୍ଗି ଦୁର୍ବୃତ୍ତ ଅଳଙ୍କାର ଓ ଟଙ୍କା ଲୁଟି ନେଇଥିଲେ। ଏନେଇ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଘଟଣାରେ ସମ୍ପୃକ୍ତ ଜଣେ ନାବାଳକଙ୍କ ସମେତ ୪ଜଣଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲେ। ଶୁକ୍ରବାର ୩ଜଣଙ୍କୁ ଗିରଫ କରିବା ସହ ନାବାଳକଙ୍କୁ ଜୁଭେନାଇଲ୍ ହୋମ୍‌କୁ ପଠାଯାଇଛି। ଅଭିଯୁକ୍ତଙ୍କ ନିକଟରୁ ପୋଲିସ ଲୁଟ୍ ହୋଇଥିବା ୪୦ ହଜାର ଟଙ୍କା ଓ ୧୧୦ ଗ୍ରାମ ଓଜନର ସୁନା ଅଳଙ୍କାର ଜବତ କରିଛି। ଜବତ ସୁନା ଅଳଙ୍କାର ମଧ୍ୟରେ ୮୦ ଗ୍ରାମ ଓଜନର ସୁନା ବିସ୍କୁଟ୍ ଓ ସୁନା ଚେନ୍, ପଦକ, କାନଫୁଲ, ଚୁଡି ଲକେଟ୍ ଆଦି ରହିଛି। ଗିରଫ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଥିଲା ବେଳେ ଅଭିଯୁକ୍ତ ନାବାଳକଙ୍କୁ ବ୍ରହ୍ମପୁରସ୍ଥିତ ଜୁଭେଇନାଲ୍ ଜଷ୍ଟିସ୍ ବୋର୍ଡ ନିକଟରେ ହାଜର କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ ସାହୁ ସୂଚନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ତାଲୁକା ରୋଡର ବସନ୍ତ ଭଞ୍ଜ ଘରେ ତାଲା ପକାଇ ସମ୍ପର୍କୀୟଙ୍କ ଭୋଜିକୁ ଯାଇଥିବାବେଳେ ଅଭିଯୁକ୍ତ ତାଲା ଭାଙ୍ଗି ଘରେ ପଶି ଆଲମିରାରେ ଥିବା ଟଙ୍କା ଓ ସୁନା ଲୁଟି ନେଇଥିଲେ।

# ନଦୀପଠାରୁ ମୃତ ନବଜାତ ଶିଶୁପୁତ୍ର ଉଦ୍ଧାର

ଆସିକା,୨୮।୨(ଡି.ଏନ୍.ଏ.)

ଆସିକା ଥାନା କୋଟିନଡା ଫାଣ୍ଡି ବାଘୁଆ ନଦୀ ପଠାରୁ ଶୁକ୍ରବାର ସକାଳେ ପୋଲିସ ଏକ ନବଜାତ ଶିଶୁପୁତ୍ରର ମୃତଦେହ ଉଦ୍ଧାର କରିଛି। ଆସିକା ସରକାରୀ ଡାକ୍ତରଖାନାରେ ବ୍ୟବଛେଦ କରାଯିବା ପରେ ନଂ.୩/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ତେବେ କେଉଁ ପରିସ୍ଥିତିରେ ଶିଶୁର ମୃତଦେହ ଏଠାକୁ ଆସିଲା ତାହା ସ୍ପଷ୍ଟ ହୋଇ ନାହିଁ। ପୋଲିସ ଆସିକାସ୍ଥିତ ବିଭିନ୍ନ ଡାକ୍ତରଖାନା ଓ ନର୍ସିଂହୋମ୍‌ରେ ତଦନ୍ତ ଚଳାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

# ସାମାଜିକ ବିଜ୍ଞାନ ପ୍ରଦର୍ଶନୀ

ଦାମନଯୋଡ଼ି,୨୮।୨(ଡି.ଏନ୍.ଏ.)

ଦାମନଯୋଡ଼ିସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିର ସେକ୍ଟର-୨ରେ ଏକ ସାମାଜିକ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ଅଧକ୍ଷ ଡ. ଶୁଭ୍ରାଂଶୁ ଶେଖର ବାହିନୀପତି ଏହାର ଉଦ୍‌ଘାଟନ କରିବା ସହ ପ୍ରକଳ୍ପ ସମ୍ପର୍କିତ ବିଭିନ୍ନ ପ୍ରଶ୍ନ ପଚାରି ବୁଝିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସେକ୍ଟର-୨ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ଶିକ୍ଷୟିତ୍ରୀ ସୁନନ୍ଦା ଦେବୀ ଓ ସେକ୍ଟର-୩ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ଶିକ୍ଷକ ନୃସିଂହ ଚରଣ ପଟ୍ଟନାୟକ ପ୍ରଦର୍ଶନୀ ବୁଲି ଦେଖିବା ସହ ଶିଶୁଙ୍କୁ ପ୍ରକଳ୍ପ ସମ୍ବନ୍ଧୀୟ ପ୍ରଶ୍ନ ପଚାରିଥିଲେ। ଏଥିରେ ଭାରତର ଦର୍ଶନୀୟ ସ୍ଥାନ, ବ୍ୟାଙ୍କ, ଡାକଘର, ଏଟିଏମ, ଯାନବାହାନ, ପୁରାତନ କୃଷି ଉପକରଣ, ଆଧୁନିକ ଚିକିତ୍ସା ବିଜ୍ଞାନ, ବର୍ଷାଜଳ ଅମଳ ପ୍ରକଳ୍ପ, ଯୁଦ୍ଧ ଟ୍ୟାଙ୍କ ଆଦି ୬୮ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ସୁନନ୍ଦା ଦେବୀଙ୍କ ତତ୍ତ୍ୱାବଧାନରେ ଆଚାର୍ଯ୍ୟା ବୈଜୟନ୍ତୀମାଳା ଦାଶ, ଝାନସୀରାଣୀ ବେହେରା, ଚିନ୍ମୟୀ ନନ୍ଦ, ମିନାକ୍ଷୀ ପଟ୍ଟନାୟକ କାର୍ଯ୍ୟକ୍ରମର ସଫଳ ରୂପାୟନ କରିଥିଲେ।



ବିଜ୍ଞାନ ପ୍ରଦର୍ଶନୀ ବୁଲି ଦେଖୁଛନ୍ତି ଅତିଥିମାନେ ।

# ବଣ୍ଟାଗଲା ଆବାସ କାର୍ଯ୍ୟାଦେଶ, ଭତ୍ତା

ସୁନାବେଡ଼ା,୨୮।୨

ସୁନାବେଡ଼ା ପୌରପରିଷଦ ପକ୍ଷରୁ ଶୁକ୍ରବାର ମଧ୍ୟାହ୍ନରେ ବିଭିନ୍ନ ଯୋଜନାରେ ହିତାଧିକାରୀଙ୍କୁ ଆବାସ ଓ ଭତ୍ତା ବଣ୍ଟାଯାଇଛି। ମୁଖ୍ୟ ଅତିଥି ଭାବେ ଜିଲା ଯୋଜନା ବୋର୍ଡ ଅଧକ୍ଷ ତଥା କୋରାପୁଟ ବିଧାୟକ ରଘୁରାମ ପଡାଲ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସେମିଳିଗୁଡ଼ାରେ ନୂତନ ବସ୍‌ଷ୍ଟାଣ୍ଡ, ସେମିଳିଗୁଡ଼ା ଓ ପେଟକଣା ଗ୍ରାମକୁ ସଂଯୋଗ କରୁଥିବା ବ୍ରିଜ ନୂତନ ଭାବେ ନିର୍ମାଣ ପାଇଁ ବିଧାୟକଙ୍କ ପାଣ୍ଠିରୁ ୫୦ ଲକ୍ଷ ଟଙ୍କାର ଅନୁଦାନ ଘୋଷଣା କରିଥିଲେ ପଡାଲ। ସମ୍ମାନିତ ଅତିଥି ଭାବେ ପୌରାଧକ୍ଷା ଶୁଭଶ୍ରୀ ମଲ୍ଲିକ, ପୌର ନିର୍ବାହୀ ଅଧିକାରୀ ସ୍ୱସ୍ତିକ ଜମାଦାର, ଉପ ନଗରପାଳ ରତ୍ନାକର ନନ୍ଦ ଯୋଗ ଦେଇଥିଲେ। ପୌରପରିଷଦର ୨୬ଟି ୱାର୍ଡର ହିତାଧିକାରୀ ତଥା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୧୦୮ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରମାଣପତ୍ର ଦିଆଯାଇଥିଲା। ସେହିପରି ମଧୁବାବୁ ପେନସନ ଯୋଜନାରେ ୮୭ ହିତାଧିକାରୀଙ୍କୁ ଭତ୍ତା ବଣ୍ଟାଯାଇଥିଲା। ପୌର ପରିଷଦର ଚିତ୍ତରଞ୍ଜନ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



କୋରାପୁଟ ବିଧାୟକ ଜଣେ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରୁଛନ୍ତି ।



ଯେଉଁ ଲୋକ ସତ୍ୟର ଅନୁସନ୍ଧାନୀ, ସେ କୌଣସି ନିର୍ଦ୍ଦିଷ୍ଟ ଦେଶର ନାଗରିକ ବୋଲି ବିଚାରେ ନାହିଁ।
-ଭଲ୍ଟାୟାର



## ସଂକ୍ଷେପରେ

### ଜୟପୁର ସାମ୍ବାଦିକ ସଂଘ ଗଠିତ

ଜୟପୁର,୨୮।୨(ନି.ପ୍ର.): ଜୟପୁର ସାମ୍ବାଦିକ ସଂଘ ଗଠିତ ହୋଇଛି । ଏନେଇ ଶୁକ୍ରବାର ଏକ ସ୍ଥାନୀୟ ହୋଟଲରେ କାର୍ଯ୍ୟରତ ସାମ୍ବାଦିକଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସମସ୍ତ ସାମ୍ବାଦିକଙ୍କ ନିଷ୍ପତ୍ତି କ୍ରମେ ସଭାପତି ଭାବେ ବସନ୍ତ ବିଶ୍ୱାଳ, କାର୍ଯ୍ୟକାରୀ ସଭାପତି ରବି ନାୟକ, ସମ୍ପାଦକ ସତ୍ୟ ପଟ୍ଟନାୟକ, ସାଧାରଣ ସମ୍ପାଦକ ଗୌରୀ ପ୍ରସାଦ ପଟ୍ଟନାୟକ, ଉପସଭାପତି ଭାବେ ଟି. ଗୌରୀଶଙ୍କର, ପଦ୍ମନାଭ ହୋତା, ଯୁଗ୍ମ ସମ୍ପାଦକ ସୁରେଶ ନାଇଡୁ, ରମେଶ ସାହୁ, କୋଷାଧ୍ୟକ୍ଷ ତରୁଣ ମହାପାତ୍ର, ଉପଦେଷ୍ଟା ଭାସ୍କର ରାଓ, ରାଜେନ୍ଦ୍ର ଗୌଡ଼, ସୁକାନ୍ତ ବେହେରା, ଜଗତ ରଞ୍ଜନ ପାଣିଗ୍ରାହୀ, କଲ୍ୟାଣ ପାଣ୍ଡି ଅଧକ୍ଷ ଭାବେ ପବନ ପାଣିଗ୍ରାହୀ, କାର୍ଯ୍ୟକାରିଣୀ ସଭ୍ୟ ସୁପ୍ରୀତ ପୂଜାରୀ, ସୁମନ୍ତ ସାହୁ, ଶ୍ରୀକାନ୍ତ ସାହୁ, ସଞ୍ଜୀବ ଦଳେଇ, ମଧୁସ୍ମିତା ମିଶ୍ର, କିରଣ ରଞ୍ଜନ ଦାସ, ମନୋଜ ଦାଶଙ୍କୁ ଚୟନ କରାଯାଇଛି। ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଦେବୀ ପ୍ରସାଦ ମହାନ୍ତି, ହୃଷିକେଷ ମିଶ୍ର, କେ. ଶ୍ରୀନିବାସ, ସୌମ୍ୟ ରଞ୍ଜନ ସାହୁ, ନିଶାନ ପଟ୍ଟନାୟକ, ପ୍ରଶାନ୍ତ ବିଷୋୟୀ, ନୃସିଂହ ଚୌଧୁରୀ, ରାଜା ସେନା ଉପସ୍ଥିତ ଥିଲେ।

### ସରସ୍ୱତୀ ବିଦ୍ୟାମନ୍ଦିରରେ ବିଜ୍ଞାନ ଦିବସ



ଦାମନଯୋଡ଼ି,୨୮।୨(ଡି.ଏନ୍.ଏ.): ନାଲ୍କୋ ଟାଉନଶିପ ସରସ୍ୱତୀ ବିଦ୍ୟାମନ୍ଦିରରେ ନୋବେଲ ପୁରସ୍କାରପ୍ରାପ୍ତ ବୈଜ୍ଞାନିକ ଚନ୍ଦ୍ରଶେଖର ଭେଙ୍କଟରମଣଙ୍କ ଜୟନ୍ତୀ ତଥା ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଛି । ଏଥିରେ ଜୟପୁର ଏମ୍ଏସ୍ ଫାଉଣ୍ଡେଶନ ବିଜ୍ଞାନ ଓ ଗବେଷଣା କେନ୍ଦ୍ରର ବୈଜ୍ଞାନିକ ଡ. କାର୍ତ୍ତିକ ଚରଣ ଲେଙ୍କା ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ବିଦ୍ୟାମନ୍ଦିର ଅଧକ୍ଷ ଡ. ଶୁଭ୍ରାଂଶୁ ଶେଖର ବାହିନୀପତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବରିଷ୍ଠ ଶିକ୍ଷୟିତ୍ରୀ ସୁଷମା ମହାନ୍ତି ଓ ମୁଖ୍ୟ ଅତିଥି ପ୍ରମୁଖ ଡ. ଚନ୍ଦ୍ରଶେଖର ଭେଙ୍କଟରମଣ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଛାତ୍ରୀ ଶୁଭଶ୍ରୀ ନାୟକ ଓ ଆଚାର୍ଯ୍ୟ ଦେବେନ୍ଦ୍ର ସାହୁ ଦିବସ ଉପରେ ଆଲୋକପାତ କରିଥିଲେ । ମୁଖ୍ୟ ଅତିଥି ବୈଜ୍ଞାନିକ ଡ. ଲେଙ୍କା ବିଜ୍ଞାନ କ୍ଷେତ୍ରରେ ମହିଳାଙ୍କ ଅବଦାନ ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଜ୍ଞାନ ସମ୍ବନ୍ଧୀୟ ପ୍ରବନ୍ଧ ପ୍ରତିଯୋଗିତା ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ବରିଷ୍ଠ ବିଜ୍ଞାନ ଶିକ୍ଷୟିତ୍ରୀ ଭାରତୀ ସାହୁ ମଞ୍ଚ ସଂଯୋଜନା କରିଥିବା ବେଳେ ବରିଷ୍ଠ ବିଜ୍ଞାନ ଶିକ୍ଷକ ବସନ୍ତ କୁମାର ଦାସ ମୁଖ୍ୟ ଆୟୋଜକ ଥିଲେ । ପ୍ରାରମ୍ଭରେ ଶିକ୍ଷକ ବୃନ୍ଦାବନ ଖଣ୍ଡୁଆଳଙ୍କ ନିର୍ଦ୍ଦେଶରେ ଛାତ୍ରୀଛାତ୍ର ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ଶିକ୍ଷୟିତ୍ରୀ କଲ୍ୟାଣୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ

ରାୟଗଡ଼ା ଅଫିସ,୨୮।୨



କଂଗ୍ରେସ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

ରାୟଗଡ଼ା ଜିଲା କଂଗ୍ରେସ କମିଟି ପକ୍ଷରୁ ରାୟଗଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଦିଲ୍ଲୀ ହିଂସାକାଣ୍ଡ ଦଙ୍ଗାରେ ଅନେକ ଲୋକ ମୃତ୍ୟୁବରଣ କଲେଣି । ଗୁଜରାଟରେ ହୋଇଥିବା ଦଙ୍ଗା ପାଇଁ ଅମିତ ଶାହାଙ୍କୁ ଦାୟୀ କରାଯାଇ ତାଙ୍କର ଇସ୍ତଫା ଦାବି କରିଛନ୍ତି କଂଗ୍ରେସ କର୍ମୀମାନେ । ଏନେଇ ସକାଳୁ କର୍ମୀମାନେ ସ୍ଥାନୀୟ ଏସ୍‌ପିଙ୍କ କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ । ସେଠାରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଅମିତ୍ ଶାହାଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା । ବିକ୍ଷୋଭ ପ୍ରଦର୍ଶନ ବେଳେ ପିସିସି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରତ୍ନମଣି ଉଲ୍ଲାକା, ଜିଲା ଉପ ସଭାପତି ସୁଜିତ କୁମାର ପଣ୍ଡା ଉପସ୍ଥିତ ଥିଲେ । ଜିଲା କଂଗ୍ରେସ କମିଟି ସଭାପତି ଦୁର୍ଗା ପଣ୍ଡାଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଯାଇଛି ।

# ରାୟଗଡ଼ାରେ ପୋକ୍ସ କୋର୍ଟ ଉଦ୍‌ଘାଟନ

ରାୟଗଡ଼ା ଅଫିସ ,୨୮।୨

ରାୟଗଡ଼ା କୋର୍ଟ ପରିସରରେ ଏକ ସ୍ୱତନ୍ତ୍ର ପୋକ୍ସ କୋର୍ଟ ଉଦ୍‌ଘାଟିତ ହୋଇଯାଇଛି । ଏହାକୁ ଜିଲା ଜଜ୍ ଚିତ୍ତରଞ୍ଜନ ଦାସ ଉଦ୍‌ଘାଟନ କରିଥିଲେ । ସ୍ଥାୟୀ ଲୋକ ଅଦାଲତ ଅଧ୍ୟକ୍ଷ ହିମାଂଶୁଶେଖର ବ୍ରହ୍ମା , ପରିବାର ଅଦାଲତ ଜଜ୍ ଆଶିଷ କୁମାର ତ୍ରିପାଠୀ , ଏଡ଼ିଜେ ଜ୍ଞାନେନ୍ଦ୍ର କୁମାର ବାରିକ , ସବ୍ ଜଜ୍ ଷତରୂପା ଶତପଥୀ , ପ୍ରତିମା ପାତ୍ର , ନ୍ୟାୟାଧିକାରୀ ବୈଶାଳୀ ନାୟକ , ଜିଲା ଆଇନ ସେବା ପ୍ରାଧିକରଣ ସମ୍ପାଦକ ମନୋରଞ୍ଜନ ମିଶ୍ର , ଜେଏମଏଫସି ସୂର୍ଯ୍ୟନାରାୟଣ ମହାନ୍ତି , ସଭୋନ କୁମାର ପଣ୍ଡା , ପିଡ଼ି ଡ଼ିଆରଡ଼ିଏ ଅମ୍ରିତ ରତୁରାଜ , ଅଜିତ କୁମାର ପଟ୍ଟନାୟକ , ଜିଲା ବାର ଆସୋସିଏଶନ ସମ୍ପାଦକ ପଦ୍ମନାଭ ଦାସଙ୍କ ଆଇନ ଜିବୀମାନେ ଉପସ୍ଥିତ ଥିଲେ । ଏହି ପୋକ୍ସ କୋର୍ଟରେ ପ୍ରଥମ ଜଜ୍ ରୂପେ ଜ୍ଞାନେନ୍ଦ୍ର କୁମାର ବାରିକଙ୍କୁ ନିଯୁକ୍ତି ଦିଆଯାଇଛି । ସେହି କୋର୍ଟରେ ସିଜେଏମ ରୂପେ ମନୋରଞ୍ଜନ ଦାସଙ୍କୁ ଚୟନ କରାଯାଇଛି । ଉଭୟ ଙ୍କୁ ସ୍ୱାଗତ କରାଯାଇଥିବା ଓକିଲ ଲାବଣ୍ୟ ମୋହନ ପଟ୍ଟନାୟକ ଜଣାଇଛନ୍ତି ।


ଜିଲା ଜଜ୍ ଚିତ୍ତରଞ୍ଜନ ଦାସ ପୋକ୍ସ କୋର୍ଟକୁ ଉଦ୍‌ଘାଟନ କରୁଛନ୍ତି ।

# ଛାତ୍ରୀଛାତ୍ର ଦେଲେ ଜଙ୍ଗଲ ସୁରକ୍ଷାର ବାର୍ତ୍ତା


ଜଙ୍ଗଲ ସୁରକ୍ଷା ନେଇ ଛାତ୍ରୀଛାତ୍ର ଗାଁ ପରିକ୍ରମା କରୁଛନ୍ତି ।

ଚନ୍ଦ୍ରପୁର,୨୮।୨(ଡି.ଏନ୍.ଏ.)

ପରିବେଶ ସୁରକ୍ଷା, ଜଙ୍ଗଲ ସୁରକ୍ଷା, ଜଙ୍ଗଲ ଧ୍ୱଂସ ନ କରିବା, ନିଆଁ ଦାଉରୁ ଜଙ୍ଗଲକୁ ରକ୍ଷା କରିବା ନେଇ ଏକ ସବୁଜ ମହାନଦୀ ଅଭିଯାନ ରଥ ଚନ୍ଦ୍ରପୁର ବ୍ଲକର ଡାଙ୍ଗସୋରଡ଼ା ପଞ୍ଚାୟତ ସଦର ମହକୁମାରେ ବାହାରିଛି । ଏହି ରଥ ବିଭିନ୍ନ ଅଞ୍ଚଳ ପରିକ୍ରମା କରି ଲୋକଙ୍କୁ ସଚେତନ କରିଛି । ରାୟଗଡ଼ା ବନଖଣ୍ଡ ସହଯୋଗକ୍ରମେ ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଏକ ଶୋଭାଯାତ୍ରାରେ ବାହାରି ଜଙ୍ଗଲ ସୁରକ୍ଷା ନେଇ ସ୍ଲୋଗାନ ଦେଇଥିଲେ । ଛାତ୍ରୀଛାତ୍ର ଶୋଭାଯାତ୍ରାରେ ଡାଙ୍ଗସୋରଡା ବସ୍‌ଷ୍ଟାଣ୍ଡ, ସମସ୍ତ ସାହି, ଥାନା,ଛକ ବୁଲି ଅଞ୍ଚଳବାସୀଙ୍କୁ ସଚେତନତାର ବାର୍ତ୍ତା ଦେଇଥିଲେ । ଏଥିରେ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ମମତା ପ୍ରଧାନ, ସରକାରୀ ଶିକ୍ଷୟିତ୍ରୀ ପୁଷ୍ପଲତା ପାତ୍ର, ଡାଙ୍ଗସୋରଡା ବନପାଳ ଜୟଦେବ ନାୟକ ବେହେରା, ବନରକ୍ଷୀ କପିଳ ଦେବ ମନହୀରା, ଘାସିରାମ ମାଝି ପ୍ରମୁଖ ସମସ୍ତ ଅଞ୍ଚଳ ବୁଲିବା ସହ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଏଥିସହ ଏହି ସବୁଜ ମହାନଦୀ ଅଭିଯାନ ରଥ ଚନ୍ଦ୍ରପୁର ବ୍ଲକର ସମସ୍ତ ଅଞ୍ଚଳ ବୁଲି ଲୋକଙ୍କୁ ସଚେତନ କରିବ ବୋଲି ଡାଙ୍ଗସୋରଡ଼ା ବନପାଳ ବେହେରା ସୂଚନା ଦେଇଛନ୍ତି ।

## ରୋଗ କଷ୍ଟ ସହି ନ ପାରି ଯୁବକଙ୍କ ଆତ୍ମହତ୍ୟା

ଭଞ୍ଜନଗର,୨୮।୨(ଡି.ଏନ.ଏ)

ଭଞ୍ଜନଗର ସହରତଳି ବାଉଁଶଲୁଣ୍ଡିର ବିନୟ ନାୟକ (୩୩) ଶୁକ୍ରବାର ନିଜ ଘରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଭଞ୍ଜନଗର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ହସ୍‌ପିଟାଲକୁ ପଠାଇଦେଇଛି। ଏନେଇ ପୋଲିସ ନଂ.୧/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ଅଧିକ ତଦନ୍ତ ଚଳାଇଛି। ପ୍ରକାଶ ଯେ, ବିନୟ ଚେନ୍ନାଇରେ କାମ କରୁଥିଲେ। ଦୁଇଦିନ ପୂର୍ବେ ସେ ଗ୍ରାମକୁ ଫେରିଥିଲେ। ବିନୟଙ୍କୁ କର୍କଟ ରୋଗ ହୋଇଥିବାରୁ ସେ ଭାଙ୍ଗି ପଡିଥିଲେ। ତେଣୁ ଶୁକ୍ରବାର ଘରେ କେହି ନ ଥିବାବେଳେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ପୋଲିସ ସୂଚନା ପାଇ ଘଟଣାସ୍ଥଳରେ ପହଞ୍ଚି କବାଟ ଭାଙ୍ଗି ମୃତଦେହ ଉଦ୍ଧାର କରିଥିଲା। ରୋଗଗ୍ରସ୍ତ ଯୋଗୁ ବିନୟ ଆତ୍ମହତ୍ୟା କରିଛନ୍ତି ବୋଲି ଥାନା ଅଧିକାରୀ ସୁଦୀପ୍ତ ସାହୁ ଏଠାରେ ସୂଚନା ଦେଇଛନ୍ତି।

# ଆଇନ ସଚେତନତା କାର୍ଯ୍ୟକ୍ରମ

ରାୟଗଡ଼ା ଅଫିସ,୨୮।୨

ରାୟଗଡ଼ା ଜିଲା ଆଇନ ସେବା ପ୍ରାଧିକରଣ ଦ୍ୱାରା ମୌଳିକ କର୍ତ୍ତବ୍ୟ ଉପରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ବ୍ଲକ କାର୍ଯ୍ୟାଳୟର କନଫରେନ୍ସ ହଲରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ପରିବାର ଅଦାଲତ ଜଜ୍ ଆଶିଷ କୁମାର ତ୍ରିପାଠୀ ସଭାପତିତ୍ୱ କରିଥିଲେ । ରାୟଗଡ଼ା ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ , ଡ଼େପୁଟି ସୁପରିଣ୍ଟେଣ୍ଡେଣ୍ଟ ଅଫ ପୋଲିସ ବଟକୃଷ୍ଣ ମିଶ୍ର, ବିଡ଼ିଓ ରାଜେନ୍ଦ୍ର ମାଝି, ବାର ଆସୋସିଏଶନ ସଭାପତି ବ୍ରଜସୁନ୍ଦର ନାୟକ, ଜିଲା ଆଇନ ସେବା ପ୍ରାଧିକରଣ ସମ୍ପାଦକ ମନୋରଞ୍ଜନ ମିଶ୍ର ମଞ୍ଚାସୀନ ଥିଲେ । ଜିଲା ଆଇନ ସେବା ପ୍ରାଧିକରଣରେ ଥିବା ପାରା ଲିଗାଲ ଭଲ୍ୟୁଣ୍ଟରମାନଙ୍କୁ ନାଗରିକର ମୌଳିକ ଅଧିକାର ଏବଂ ମୌଳିକ କର୍ତ୍ତବ୍ୟ ସମ୍ପର୍କରେ ସଚେତନତା କରାଯାଇଥିଲା । ପାରା ଲିଗାଲ ଭଲ୍ୟୁଣ୍ଟରମାନଙ୍କୁ ସରକାରଙ୍କ ଯୋଜନା ଏବଂ ଆଇନ ଗତ ଅଧିକାର ବିଷୟରେ ବୁଝାଯାଇଥିଲା । ଜଣେ ଗରିବ ଏବଂ ଦଳିତ ଲୋକ ମାଗଣା ଆଇନ ସେବା ପାଇ ପାରିବ ସେ ନେଇ ପାରା ଲିଗାଲ ଭଲ୍ୟୁଣ୍ଟରମାନେ ଲୋକଙ୍କୁ ଅବଗତ କରାଇବେ । ଏହି କାର୍ଯ୍ୟକ୍ରମରେ ଗୁଣୁପୁର, କାଶୀପୁର ଏବଂ ବିଷମକଟକରେ ଥିବା ପାରା ଲିଗାଲ ଭଲ୍ୟୁଣ୍ଟରମାନେ ଉପସ୍ଥିତ ଥିଲେ ।



କାର୍ଯ୍ୟକ୍ରମରେ ଅଧିକାରୀ ଓ ଅନ୍ୟମାନେ ।

# ଜାତୀୟ ବିଜ୍ଞାନ ଦିବସ ପାଳିତ

ଗୁଣପୁର,୨୮।୨(ଡି.ଏନ.ଏ)


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ଗୁଣପୁରର ବିଭିନ୍ନ ସ୍ଥାନରେ ଜାତୀୟ ବିଜ୍ଞାନ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି । ଏହି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଆଇଇଟି ବିଶ୍ୱବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଥିବା ଜାତୀୟ ବିଜ୍ଞାନ ଦିବସରେ ସ୍କୁଲ ଅଫ ଇଂଜିନିୟରିଂ ଆଣ୍ଡ ଟେକୋଲୋଜିର ଡିନ ଡ.ସି.ଭି. ରେଡ୍ଡୀ, ସ୍କୁଲ ଅଫ ଏଗ୍ରିକଲଚର ଡିନ ଡ.ସନ୍ତୋଷ ପଣ୍ଡା, ରିସର୍ଚ୍ଚ ଆଣ୍ଡ ଡେଭଲପମେଣ୍ଟର ଡିନ ଡ.ଜେ.ବି.ସୁବ୍ରମଣ୍ୟମ ଏବଂ ସ୍କୁଲ ଅଫ ସାଇନ୍ସର ଡିନ ଡ.ତାରିଣୀଚରଣ ବେହେରା ଯୋଗ ଦେଇ ବିଜ୍ଞାନ ପାଠ୍ୟକ୍ରମକୁ ଏକ କ୍ୟାରିୟର ଭାବେ ଗ୍ରହଣ କରିବାକୁ କହିଥିଲେ । ବେସିକ ସାଇନ୍ସ ଏବଂ ହ୍ୟୁମାନିଟି ମୁଖ୍ୟ ଡ.ଦିଲୀପ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ । ବାୟୋଟେକର ମୁଖ୍ୟ ଡ.ମନୋଜ ଦାସ ଧନ୍ୟବାଦ ଦେଇଥିଲେ । ସେହିଭଳି ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ବିଜ୍ଞାନ ଦିବସ ପାଳନ କରାଯିବା ସହ ବିଜ୍ଞାନ ମେଳା ଆୟୋଜିତ ହୋଇଥିଲା। ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରକଳ୍ପମାନ ପ୍ରଦର୍ଶନ କରିଥିଲେ । କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା ।

## ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

ହିଞ୍ଜିଳିକାଟୁ/ଦିଗପହଣ୍ଡି/ପାଟପୁର, ୨୮।୨(ଡି.ଏନ୍.ଏ.)

ଭୋଜିରେ ଯୋଗ ଦେବା ମହଙ୍ଗା ପଡିଛି ଏକ ପରିବାରକୁ। ଭୋଜି ଖାଇବାକୁ ଯାଇଥିବାବେଳେ ଘରେ ଚୋର ପଶି କଳାକନା ବୁଲାଇଛନ୍ତି। ଏନେଇ ଥାନାରେ ଅଭିଯୋଗ ପରେ ନଂ.୬୫/୨୦ରେ ମାମଲା ରୁଜୁ କରି ପୋଲିସ ପହଞ୍ଚି ତଦନ୍ତ ଚଳାଇଛି। ପ୍ରକାଶ ଯେ, ହିଞ୍ଜିଳି ଥାନା ଆଡପଡା ଗ୍ରାମ ଫାଣ୍ଡି ନିକଟ ଦୁର୍ଯ୍ୟୋଧନ ମହାଙ୍କୁଡଙ୍କ ଘର କବାଟ ଭାଙ୍ଗି ଦୁର୍ବୃତ୍ତ ଗୁରୁବାର ରାତିରେ ଚୋରି କରିଛନ୍ତି। ନଗଦ ପ୍ରାୟ ୩୦ହଜାର ଟଙ୍କା, ସୁନା ଓ ରୂପା ଅଳଙ୍କାର ସହ ଶାଢୀ ଇତ୍ୟାଦି ଚୋରି ହୋଇଛି। ଏନେଇ ଦୁର୍ଯ୍ୟୋଧନ ଶୁକ୍ରବାର ଥାନାରେ ଅଭିଯୋଗ କରିଥିଲେ। ଆଡପଡା ଗ୍ରାମରେ ପୂର୍ବରୁ ୨ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଥିବା ଓ ଗ୍ରାମରେ ଉତ୍ତେଜନା ଥିବାରୁ ସେଠାରେ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ଅଛନ୍ତି। ଚୋରି ଯାଇଥିବା ଘରଟି ଫାଣ୍ଡିର ଅତି ନିକଟରେ ହୋଇଥିବାବେଳେ ପୋଲିସ କୌଣସି ଟେର୍ ନ ପାଇବା ସ୍ଥାନୀୟଲୋକଙ୍କୁ ଆଶ୍ଚର୍ଯ୍ୟ କରିଛି। ପ୍ରକାଶ ଯେ, ଦୁର୍ଯ୍ୟୋଧନ ସମ୍ପର୍କୀୟଙ୍କ ଭୋଜି ପାଇଁ ଘରେ ତାଲା ପକାଇ ଗୁରୁବାର ଯାଇଥିଲେ। ଶୁକ୍ରବାର ଫେରି ଚୋରି ସମ୍ପର୍କରେ ଜାଣିଥିଲେ।

# ପ୍ରଦର୍ଶିତ ହେଲା ୫୯ ପ୍ରକଳ୍ପ

ରାୟଗଡ଼ା ଅଫିସ,୨୮।୨

ଜାତୀୟ ବିଜ୍ଞାନ ଦିବସ ଅବସରରେ ରାୟଗଡ଼ା ସଦରସ୍ଥିତ ଗାନ୍ଧୀନଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଏକ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାୟଗଡ଼ା ଟେଲିକମ ବିଭାଗ ଏସ୍‌ଡ଼ିଓ ନୃସିଂହ ପ୍ରସାଦ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ବିଜ୍ଞାନ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେୟ। ୧ ମରୁ ୮ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୭୧ ଜଣ ଅଂଶ ଗ୍ରହଣ କରିଥିଲେ । ଏଥିରେ ମୋଟ ୫୯ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ସିଆରସିସି ପ୍ରଶାନ୍ତ ସାହୁଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଉପସ୍ଥିତ ଥିଲେ । ବ୍ଲକ ଶିକ୍ଷାଧିକାରୀ ରଜନୀକାନ୍ତ ସାମନ୍ତରାୟ ପ୍ରକଳ୍ପଗୁଡ଼ିକ ବୁଲି ଦେଖିଥିଲେ ।


ଅତିଥିମାନେ ପ୍ରକଳ୍ପ ବୁଲି ଦେଖୁଛନ୍ତି ।

# ତାଲା ଭାଙ୍ଗି ଲୁଟ୍ ମାମଲା, ୩ ଗିରଫ

ଆସିକା,୨୮।୨(ଡି.ଏନ୍.ଏ.)

ଆସିକା ଏନ୍‌ଏସି ତାଲୁକା ରୋଡରେ ଏକ ଘରୁ ମଙ୍ଗଳବାର ବିଳମ୍ବିତ ରାତିରେ ତାଲା ଭାଙ୍ଗି ଦୁର୍ବୃତ୍ତ ଅଳଙ୍କାର ଓ ଟଙ୍କା ଲୁଟି ନେଇଥିଲେ। ଏନେଇ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଘଟଣାରେ ସମ୍ପୃକ୍ତ ଜଣେ ନାବାଳକଙ୍କ ସମେତ ୪ଜଣଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲେ। ଶୁକ୍ରବାର ୩ଜଣଙ୍କୁ ଗିରଫ କରିବା ସହ ନାବାଳକଙ୍କୁ ଜୁଭେନାଇଲ୍ ହୋମ୍‌କୁ ପଠାଯାଇଛି। ଅଭିଯୁକ୍ତଙ୍କ ନିକଟରୁ ପୋଲିସ ଲୁଟ୍ ହୋଇଥିବା ୪୦ ହଜାର ଟଙ୍କା ଓ ୧୧୦ ଗ୍ରାମ ଓଜନର ସୁନା ଅଳଙ୍କାର ଜବତ କରିଛି। ଜବତ ସୁନା ଅଳଙ୍କାର ମଧ୍ୟରେ ୮୦ ଗ୍ରାମ ଓଜନର ସୁନା ବିସ୍କୁଟ୍ ଓ ସୁନା ଚେନ୍, ପଦକ, କାନଫୁଲ, ଚୁଡି ଲକେଟ୍ ଆଦି ରହିଛି। ଗିରଫ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଥିଲା ବେଳେ ଅଭିଯୁକ୍ତ ନାବାଳକଙ୍କୁ ବ୍ରହ୍ମପୁରସ୍ଥିତ ଜୁଭେଇନାଲ୍ ଜଷ୍ଟିସ୍ ବୋର୍ଡ ନିକଟରେ ହାଜର କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ ସାହୁ ସୂଚନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ତାଲୁକା ରୋଡର ବସନ୍ତ ଭଞ୍ଜ ଘରେ ତାଲା ପକାଇ ସମ୍ପର୍କୀୟଙ୍କ ଭୋଜିକୁ ଯାଇଥିବାବେଳେ ଅଭିଯୁକ୍ତ ତାଲା ଭାଙ୍ଗି ଘରେ ପଶି ଆଲମିରାରେ ଥିବା ଟଙ୍କା ଓ ସୁନା ଲୁଟି ନେଇଥିଲେ।

# ବ୍ଲକ୍‌ସ୍ତରୀୟ ନିଯୁକ୍ତି ପରାମର୍ଶ ଶିବିର

କୋଲନରା,୨୮।୨(ଡ଼ି.ଏନ.ଏ)


ଶିବିରରେ ଉପସ୍ଥିତ ଅତିଥି ।

କୋଲନରା ବ୍ଲକ ମୁକୁନ୍ଦପୁର ପଞ୍ଚାୟତଠାରେ ଦିନ ଦୟାଲ ଉପାଧ୍ୟକ୍ଷ ଗ୍ରାମୀଣ କୌଶଳ ଯୋଜନା ଅନ୍ତର୍ଗତ ବ୍ଲକସ୍ତରୀୟ ନିଯୁକ୍ତିଭିତ୍ତିକ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି । ବ୍ଲକ ପ୍ରଶାସନ ତରଫରୁ ଆୟୋଜିତ ଏହି ଶିବିରରେ ରାୟଗଡ଼ା ଓ ଗୁଣପୁରର ଗ୍ରାମ ତରଙ୍ଗ, ଏଟିଡ଼ିସି ଭୁବନେଶ୍ୱର,ଦୀନବନ୍ଧୁ ଫାଉଣ୍ଡେଶନ, ସେଫ ଏଜୁକେଶନ ଆଦି ଯୋଗ ଦେଇଥିଲେ । ଏହି ଶିବିରରେ ମୋଟ ୧୯୬ ଯୁବତୀଯୁବକ ନାମ ପଞ୍ଜୀକରଣ କରିଥିଲେ । ସେଥିମଧ୍ୟରୁ ୪୨ ଜଣଙ୍କୁ ଚୟନ କରାଯାଇଥିଲା । ଏଥିରେ କୋଲନରା ବିଡ଼ିଓ ତାପସ କୁମାର ପଟ୍ଟନାୟକ,ଓଏଲଏମ୍ ବିପିଏମ ଟୁନା ଖଟେଇ, ବ୍ଲକ ଉପାଧ୍ୟକ୍ଷ ତେଜରାଜ ନାଗ, ମୁକୁନ୍ଦପୁର ସରପଞ୍ଚ ଶିବ କଣ୍ଡାଗରି ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଓରମାସର ଆଶିଷ ରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ବିଜ୍ଞାନ ପରୀକ୍ଷାରେ କପି ଧରିଲେ ସ୍କ୍ୱାଡ୍

ଗୁଡାରୀ,୨୮।୨(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଡ଼ାରୀ ବ୍ଲକର ଲୋକନାଥପୁର ହାଇସ୍କୁଲ ମାଟ୍ରିକ ପରୀକ୍ଷାକେନ୍ଦ୍ରରେ ଶୁକ୍ରବାର ବିଜ୍ଞାନ ପରୀକ୍ଷା ଚାଲିଥିବା ବେଳେ ହଠାତ୍ ଫ୍ଲାଇଂ ସ୍କ୍ୱାଡ୍ ପରୀକ୍ଷାକେନ୍ଦ୍ରରେ ପହଞ୍ଚି ଜଣେ ଛାତ୍ରଙ୍କଠାରୁ କପି ଧରିଛନ୍ତି। ତେବେ ପରୀକ୍ଷାର୍ଥୀଙ୍କଠାରୁ ଯେଉଁ କପି ବାହାରିଥିଲା, ତାହା ପରୀକ୍ଷାରେ ପଡ଼ି ନ ଥିବା ଜଣାପଡ଼ିଛି। ପରୀକ୍ଷା ସୁପରିଣ୍ଟେଣ୍ଡେଣ୍ଟ ମହେନ୍ଦ୍ର କୁମାର ତୁଳଙ୍କ କହିବାନୁଯାୟୀ ରାୟଗଡ଼ା ଡିଇଓ, ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ବୋଟାନି ଅଧ୍ୟାପକ ଓ ଜିଲା ବିଜ୍ଞାନ ସୁପରଭାଇଜର ସ୍କ୍ୱାଡ୍‌ରେ ଆସି ସେହି ପରୀକ୍ଷାର୍ଥୀଙ୍କଠାରୁ କପି ବାହାର କରିଥିଲେ।

# ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପେନ୍‌ସନଭୋଗୀଙ୍କ ଦାବିପତ୍ର

ପାରଳାଖେମୁଣ୍ଡି,୨୮।୨(ସ୍ୱ.ପ୍ର.)

**ବର୍ଦ୍ଧିତ ପେନ୍‌ସନ ଦାବି**

ବର୍ଦ୍ଧିତ ପେନ୍‌ସନ ଲାଗୁ ଦାବି ନେଇ ଅଲ୍ ଓଡିଶା ଇପିଏଫ୍ ପେନ୍‌ସନ ଭୋଗୀ ଗଜପତି ଶାଖା ପକ୍ଷରୁ ଶୁକ୍ରବାର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏ ନେଇ ପେନ୍‌ସନ ଭୋଗୀମାନେ ଜିଲାପାଳଙ୍କୁ ଭେଟି ଆଲୋଚନା କରିବା ସହ ଦାବିପତ୍ର ଦେଇଛନ୍ତି। ସେହିପରି ଗୌରୀଶଙ୍କର ମିଶ୍ରଙ୍କ ଆହ୍ୱାନ କ୍ରମେ ଗଜପତି ଜିଲାର ବିଭିନ୍ନ ଅଞ୍ଚଳର ପେନ୍‌ସନ ଭୋଗୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଇପିଏଫ୍ ଶାଖା ଗଠନ କରାଯାଇଥିଲା। ବୈଠକରେ ଇପିଏଫ୍ ସଂଘର ରାଜ୍ୟ କର୍ମକର୍ତ୍ତା ତଥା ଜଗତସିଂପୁର ଜିଲା ସଭାପତି କୃଷ୍ଣଚନ୍ଦ୍ର ମହାନ୍ତି, ଖୋର୍ଦ୍ଧା ଜିଲାର ବରିଷ୍ଠ କର୍ମକର୍ତ୍ତା ବିକ୍ରମ ଛୋଟରାୟ, ବ୍ରହ୍ମପୁର ଉପସଭାପତି ବାସୁଦେବ ଚୌଧୁରୀ ପ୍ରମୁଖ ଯୋଗଦେଇ ସଂଘର ଆଭିମୁଖ୍ୟ ବିଷୟରେ ଆଲୋଚନା କରିଥିଲେ। ସେହିପରି ଆଗାମୀ ଦିନରେ ଅନୁଷ୍ଠିତ ହେବାକୁଥିବା ବିଭିନ୍ନ କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତ ହୋଇଥିଲା। ପରେ ଜିଲା ସଂଘର କର୍ମକର୍ତ୍ତା ଚୟନ କରାଯାଇଥିଲା। ସଂଘର ସଭାପତିଭାବେ କେ. କ୍ରିଷ୍ଣାରାଓ, ଉପସଭାପତି ଗୌରୀଶଙ୍କର ମିଶ୍ର, ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ପାତ୍ର, ଯୁଗ୍ମ ସମ୍ପାଦକ ପି.ଏନ୍. ପଟ୍ଟନାୟକ, କୋଷାଧ୍ୟକ୍ଷ ରୁପେ ମଦନମୋହନ ପାତ୍ରଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା।